## ସଂକ୍ଷେପରେ

### ଟ୍ରେନ୍‌ରେ କଟି ପେଡ଼ା ବେପାରୀଙ୍କ ମୃତ୍ୟୁ

ଧର୍ମଶାଳା,୫।୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଧୀନ ଥାନୁଆଳ ପଞ୍ଚାୟତ ଥାନୁଆଳ ଗ୍ରାମର ଜଣେ ପେଡ଼ା ବେପାରୀ ହରିଦାସପୁର ଷ୍ଟେଶନରେ ଚଳନ୍ତା ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଥାନୁଆଳ ଗ୍ରାମର କୁଳମଣି ଦୋରାଙ୍କ ପୁଅ ଅଜୟ୍ ଦୋରା(୪୮)। ପ୍ରତିଦିନ ଅଜୟ୍ ଟ୍ରେନରେ ଯାଇ ପେଡ଼ା ବ୍ୟବସାୟ କରିଥାନ୍ତି। ତେବେ ଶୁକ୍ରବାର ଭୋର ସମୟରେ ସେ ଟ୍ରେନରୁ ଖସିପଡି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି।

### ଆବାସ ଦୁର୍ନୀତି: ୫ଜଣଙ୍କ ନାମରେ ମାମଲା

ପ୍ରୀତିପୁର,୫।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍‌ରେ ଆବାସ ବଣ୍ଟନରେ ଅନିୟମିତତା ନେଇ ଅଭିଯୋଗ ହେବାପରେ ପିଇଓ କୃଷ୍ଣ ଚନ୍ଦ୍ର ମହଲା ନିଲମ୍ବିତ ହୋଇଛନ୍ତି। ଏଥିସହିତ କାଏଣା ରଘୁନାଥପୁର ପଞ୍ଚାୟତର ୫ ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ଅଯୋଗ୍ୟ ହୀତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭୁଲରେ ଆବାସ ଅର୍ଥ ପଇଠ ହୋଇଥିବା ନେଇ ବିଡିଓ ମିନତି ଜଗଦେବ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଡିଓଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ନଂ.୧୬୧, ୧୬୨, ୧୬୩, ୧୬୪ ଏବଂ ୧୬୫/୨୩ରେ ଯଥାକ୍ରମେ; ସାବିତ୍ରୀ ବେହେରା, ଭରତ ଚନ୍ଦ୍ର ଜେନା, ଭରତ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ଧଳ ଓ ବିଷ୍ଣୁ ଚରଣ ବେହେରାଙ୍କ ନାମରେ ମାମଲା ରୁଜୁ ହୋଇଛି।

### ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ସ୍ମୃତିସଭା

ସିଂହପୁର,୫।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ଏକ ସ୍ମୃତିଚାରଣ ସଭା ସିଂହପୁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂ. ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ସୁଶାନ୍ତ ନାୟକ, ଘନଶ୍ୟାମ ଦାସ, ନିରଞ୍ଜନ ଦାସ, ପ୍ରଦୀପ ଜେନା, ଅଜୟ୍ ଓଝା, ମେଘନାଦ ମହାଲିକ, ସୁବାସ ଚନ୍ଦ୍ର ପ୍ରଧାନ, ଅକ୍ଷୟ୍ ବେହେରା, ରାମଚନ୍ଦ୍ର ମହାକୁଡ଼, ଉତ୍ତମ ଚରଣ ଦାସ, କୃଷ୍ଣ ଚନ୍ଦ୍ର ମଲିକ, ହେମନ୍ତ ବାରିକ, ଅନନ୍ତ କିଶୋର ଦାସ, ବୀଣାପାଣି ଦାସ, ସୁଧାଂଶୁ ସେଖର ଦାସ ଓ ଜ୍ଞାନେନ୍ଦ୍ର ବେଉରିଆଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ସଂଗ୍ରାମୀ ଦାସ ସିଂହପୁର ଗ୍ରାମରେ ଜନ୍ମ ହୋଇଥିଲେ ମଧ ଯୁବ ବୟସରୁ କୋରାପୁଟରେ ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ। ସେ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଯାଜପୁର କଚେରି ଘେରାଉ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମୟରେ ମାତ୍ର ୧୩ବର୍ଷ ବୟସରେ ଗାନ୍ଧିଜୀଙ୍କ ଉପସ୍ଥିତିରେ ସେ ରାମଧୁନ ଗାନ କରିଥିଲେ। ବିନୋବା ଭାବେଙ୍କ ନୀତି ଆଦର୍ଶକୁ ଅନୁସରଣକରି ଭୁଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ମା',ମାଟି ପାଇଁ ସଂଗ୍ରାମ କରି ଇଂରେଜମାନଙ୍କଠାରୁ ଲାଠିମାଡ ଖାଇଥିଲେ। କୋରାପୁଟରେ ଆଦିବାସୀଙ୍କ ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରୁଥିଲେ ବୋଲି ବକ୍ତାମାନେ କହିଥିଲେ। ମାତ୍ର ଏତେବଡ଼ ସଂଗ୍ରାମୀଙ୍କୁ ସଂଗ୍ରାମୀ ମାନ୍ୟତା ନ ମିଳିବା ଦୁର୍ଭାଗ୍ୟ ଜନକ ବୋଲି ମତପ୍ରକାଶ ପାଇଥିଲା।

# ମରଣଯନ୍ତା ପାଲଟିଛି ୫୩ ନଂ.ଏନଏଚ୍

- ଆଳତୁମା ଛକରେ ବଡ଼ ଗର୍ତ୍ତ
- ଏନ୍‌ଏଚ୍‌ଏଆଇ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର ଅଫିସ,୫।୫


ଆଳତୁମା ଛକ ରାସ୍ତାକଡରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ନେଇ ସୁପ୍ରିମକୋର୍ଟ କମିଟି ପକ୍ଷରୁ ଏକାଧିକ ପଦକ୍ଷେପ ଗ୍ରହଣ କରଯାଉଛି। ଏପ୍ରିଲ ପ୍ରଥମ ସପ୍ତାହକୁ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଭାବେ ପାଳନ କରାଯାଇଛି। ବିଭିନ୍ନ ବିଭାଗର ସହଯୋଗରେ ହୋଇଥିବା ଏହି ସପ୍ତାହ ପାଳନ ପରେ ଉତ୍ସାହଜନକ ସଫଳତା ମିଳିଛି। ଏହି ସପ୍ତାହ ପାଳନ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ୧୨୫୭ଟି ମାମଲା ଏବଂ ପୋଲିସ ପକ୍ଷରୁ ୧୩୩ ମାମଲା ରୁଜୁ କରାଯାଇଛି। ଏହି କ୍ରମରେ ମଦ୍ୟପାନ କରି ଡ୍ରାଇଭିଂ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ବୋଲି ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଦୃଢୋକ୍ତି ପ୍ରକାଶ ପାଇଛି। ଏହାସହ ମଦ୍ୟପ ଚାଳକଙ୍କୁ ଗିରଫ କରି ଆଇନ ଅନୁସାରେ ଦଣ୍ଡବିଧାନ କରିବାକୁ ବାଣିଜ୍ୟ ଏବଂ ପରିବହନ ବିଭାଗର ସଚିବ ଉଷା ପାଢୀ କଟକ ଡିଜିଙ୍କୁ ପତ୍ର ଲେଖିଛନ୍ତି। କିନ୍ତୁ ଜାତୀୟ ରାଜପଥ(ଏନ୍‌ଏଚ୍) ନିର୍ମାଣରେ ତ୍ରୁଟି, ବିଳମ୍ବ ଓ ଅବହେଳା ଏବଂ ନିମ୍ନମାନର କାର୍ଯ୍ୟ ମଧ ଦୁର୍ଘଟଣା ପାଇଁ ଅନ୍ୟତମ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଠାରେ ଯାଜପୁର ଜିଲା ଚଣ୍ଡିଖୋଲଠାରୁ ତାଳଚେର ପର୍ଯ୍ୟନ୍ତ ନିର୍ମାଣାଧୀନ ୫୩ନଂ. ଜାତୀୟ ରାଜପଥକୁ ଉଦାହରଣ ଭାବେ ନିଆଯାଇପାରେ। ଓଡ଼ିଶା ସରକାରଙ୍କ ଅନୁରୋଧକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷ ଆଦୌ ମାନୁ ନାହାନ୍ତି । ତ୍ରୁଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ଓ ଖାଲ ଖମାରରେ ଭର୍ତ୍ତି ରାସ୍ତା ଲୋକଙ୍କ ଜୀବନ ନେଉଛି । ବିଶେଷକରି ଯାଜପୁର ଜିଲା ଏହି କାରଣରୁ ରାଜ୍ୟର ଦୁର୍ଘଟଣାପ୍ରବଣ ଜିଲା ଭାବେ ପରିଗଣିତ ହୋଇଛି । ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଅନୁଷ୍ଠିତ ବୈଠକରେ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। କିନ୍ତୁ ବୈଠକରେ ଉପସ୍ଥିତ ରହି ନିର୍ଦ୍ଦିଷ୍ଟ ପ୍ରସ୍ତାବଗୁଡିକୁ କାର୍ଯ୍ୟକାରୀ କରିବାରେ ଅବହେଳା ଯୋଗୁ ନିରୀହ ଜୀବନ ଦୁର୍ଘଟଣାରେ ଚାଲି ଯାଉଛି ବୋଲି ମତ ପ୍ରକାଶ ପାଇଛି।

ସଂପ୍ରତି ଚଣ୍ଡିଖୋଲ-ତାଳଚେର ୫୩ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି । ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାର ଅନେକ କୋଟି ଟଙ୍କା ବ୍ୟୟବରାଦ କରି ଜାତୀୟ ରାଜପଥ ନିର୍ମାଣ କରିଛନ୍ତି । ଏହି କ୍ରମରେ ଗତ ପ୍ରାୟ ୫ ବର୍ଷ ହେବ ଚଣ୍ଡିଖୋଲ ଠାରୁ ତାଳଚେର ପର୍ଯ୍ୟନ୍ତ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମାର ଭର୍ତ୍ତି ହୋଇ ପଡିଛି। ଏପରିକି କେତେକାଂଶରେ ରାସ୍ତା ଠିକ ଥିବାବେଳେ ହଠାତ ବଡ ବଡ ଗର୍ତ୍ତ ହୋଇଛି। ଡ୍ରାଇଭର ଏହାକୁ ଜାଣି ନ ପାରି ହଠାତ୍ ଗର୍ତ୍ତରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର କାମାକ୍ଷାନଗର ବାଇପାସ୍ ରାସ୍ତା ନିକଟ ପୁରୁଣା ଆଳତୁମା ଛକରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଠାରେ ରାସ୍ତା ଅବସ୍ଥା ଏପରି ହୋଇଛି ଯେ, ନ ଦେଖିଲା ଲୋକ କେବେ ବିଶ୍ୱାସ କରି ପାରିବେ ନାହିଁ। ବାଇକ୍ ଠାରୁ ଆରମ୍ଭ କରି କାର, ଟ୍ରକ ଚାଳକମାନେ ମଧ ସେଠାରେ ବିପଦରେ ପଡୁଛନ୍ତି। ମାସକରେ ଏକାଧିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ ଗତ କିଛି ଦିନ ତଳେ ଅଞ୍ଚଳବାସୀ ସେଠାରେ ଆନ୍ଦୋଳନାତ୍ମକ ପନ୍ଥା ମଧ ଆପଣାଇଥିବା ସୂଚନା ମିଳିଛି। ଏହାବାଦ୍ ଚଣ୍ଡିଖୋଲଠାରୁ ଡୁବୁରୀ ପର୍ଯ୍ୟନ୍ତ ମଧ ଶତାଧିକ ସ୍ଥାନରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ଏଥିଯୋଗୁ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହେବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ଏହିସବୁ କାରଣ ପାଇଁ ସାଧାରଣ ଲୋକଙ୍କ ଜୀବନସୁରକ୍ଷା ନିରାପଦ ହେବା ସ୍ଥଳରେ ରାଜପଥ ମରଣପଥ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି । ତେଣୁ ମଦ୍ୟପ ଚାଳକଙ୍କ ସହ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ବିରୋଧରେ ମଧ ଅନୁରୂପ ଦଣ୍ଡବିଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ବଡ଼ଚଣା ବ୍ଲକ୍‌ରେ ସର୍ବାଧିକ ଅମୀମାଂସିତ ଅଭିଯୋଗ

**ତୁରନ୍ତ ସମାଧାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ**

ଚଣ୍ଡିଖୋଲ,୫।୫(ଡି.ଏନ.ଏ.)

ସାଧାରଣ ଲୋକଙ୍କ ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି। ପ୍ରତ୍ୟେକ ସୋମବାର ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କରାଯାଇ ଅଭିଯୋଗଗୁଡ଼ିକର ସମାଧାନ କରାଯାଉଛି। ମାତ୍ର ଯାଜପୁର ଜିଲାର ୧୦ ବ୍ଲକ ମଧ୍ୟରେ ବଡ଼ଚଣା ବ୍ଲକ୍‌ରେ ସର୍ବାଧିକ ଅଭିଯୋଗ ସମାଧାନ ନ ହୋଇ ଅମୀମାଂସିତ ଅବସ୍ଥାରେ ପଡ଼ିରହିଛି। ଏନେଇ ଯାଜପୁର ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ପତ୍ର ଲେଖି ବିଡିଓଙ୍କୁ ଜଣାଇବା ସହ ତୁରନ୍ତ ଅଭିଯୋଗ ଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୪।୫।୨୦୨୩ରେ ପତ୍ର ସଂଖ୍ୟା ୩୬୧୯ରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଜଣାଇଛନ୍ତି ଯେ, ବଡ଼ଚଣା ବ୍ଲକରେ ୨୫୦ ଅଭିଯୋଗର ଶୁଣାଣି ନ ହୋଇ ପଡ଼ିରହିଛି। ଏହାକୁ ୨ ଦିନ ମଧ୍ୟରେ ସମାଧାନ କରିବା ଆବଶ୍ୟକ। ଏପରି କି ଛୁଟି ବାତିଲ କରି ବିଭାଗୀୟ ଅଧିକାରୀମାନେ ତୁରନ୍ତ ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲାର ୧୦ ବ୍ଲକରେ ୫୪୧ ଅଭିଯୋଗ ଅମିମାଂସିତ ଅବସ୍ଥାରେ ପଡ଼ିଥିବାବେଳେ ସେଥିମଧ୍ୟରୁ କେବଳ ବଡ଼ଚଣାରେ ୨୫୦ ରହିଛି, ଯାହାକି ଜିଲାର ୪୬% ପ୍ରତିଶତ। ସେହିପରି ଜିଲାର ବରୀ ବ୍ଲକରେ ୬୦, ବିଞ୍ଝାରପୁର ବ୍ଲକରେ ୨୪, ଦାନଗଦି ବ୍ଲକରେ ୧୩, ଦଶରଥପୁର ବ୍ଲକରେ ୧୬, ଧର୍ମଶାଳା ବ୍ଲକରେ ୩୬, ଯାଜପୁର ବ୍ଲକରେ ୪୦, କୋରେଇରେ ୪୬, ରସୁଲପୁରରେ ୪୧ ଓ ସୁକିନ୍ଦାରେ ୧୫ ଅଭିଯୋଗ ଅମିମାଂସିତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଦୀର୍ଘଦିନ ହେବ ଏହି ଅଭିଯୋଗଗୁଡ଼ିକ ପଡ଼ି ରହିବା ପରେ ଜିଲା ପରିଷଦ ଅଫିସ ପକ୍ଷରୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଆସିଛି। ଶୁକ୍ରବାର ଛୁଟି ବାତିଲ କରାଯାଇ ଅଭିଯୋଗ ସମାଧାନ କାର୍ଯ୍ୟ ଆରମ୍ଭ ହୋଇଛି। ୮ ଦିନ ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ କରାଯିବ।

# ମା' ପଳାଶବୁଢ଼ୀଙ୍କ ପୀଠରେ ଚଣ୍ଡୀ ମହାଯଜ୍ଞ ଉଦ୍‌ଯାପିତ


ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି ।

ଧର୍ମଶାଳା,୫।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା'ପଳାଶବୁଢ଼ୀଙ୍କ ପୀଠରେ ୧୭ତମ ସପ୍ତଶତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବ୍ୟାପୀ ଚାଲିଥିବା ଏହି ଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁପୂଜା କରାଯିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ସୁନିଲ କୁମାର ସ୍ୱାଇଁ ତାଙ୍କ ସ୍ତ୍ରୀ ସୁଜାତା ସ୍ୱାଇଁ ଯଜ୍ଞରେ ବସିଥିଲେ। ପୂଜକ କାକଟପୁର ଅଞ୍ଚଳର ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର, ଶିଶିର କୁମାର ରଥ, ବିଶ୍ୱରଞ୍ଜନ ରଥ, ସୌମ୍ୟରଞ୍ଜନ ପଣ୍ଡା, ବେଣୁଧର ଦୀକ୍ଷିତ, ସଞ୍ଜୟ କୁମାର ମିଶ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନା କରିଥିଲେ। କମିଟି ସଭାପତି ପ୍ରକାଶ କୁମାର ନାୟକ, ଗୋଲକ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ଦେବାଶିଷ ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ଦାମୋଦର ରାୟ, ବିଜନ ରାୟ, ତ୍ରିଲୋଚନ ଜେନା, ବିଦ୍ଧୁ ରାଉତ, ନୀଳମଣି ସ୍ୱାଇଁ, ବାଦଲ ପରିଡ଼ା, ନବୀନ ପରିଡ଼ା, ବୀରକିଶୋର ଦାସ, ଦାଶରଥୀ ଧଳ, ବଟକୃଷ୍ଣ ଧଳ ଓ ଯତୀନ୍ଦ୍ର ମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁ ଯଜ୍ଞରେ ଯୋଗ ଦେଇଥିଲେ।

# ଅଭିମନ୍ୟୁଙ୍କ କାବ୍ୟ, କୃତି କାଳଜୟୀ

**ଲଛମନ ବାଲାଜୀଉ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଆଲୋଚନାଚକ୍ର**


ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି।

ସିଂହପୁର,୫।୫(ଡି.ଏନ.ଏ.)

ଅଙ୍ଗାଲୋ ଲଛମନ ବାଲାଜୀଉ ମହାବିଦ୍ୟାଳୟ ପରିସରରେ ଅଖିଳଚକ୍ର ପକ୍ଷରୁ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିସହିତ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ ଆଲୋଚନାଚକ୍ର ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଜୟଦେବ ଥାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଭିମନ୍ୟୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଅଖିଳଚକ୍ରର ସଭାପତି ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଅନାବରଣ କରିବା ସହ ଅଭିମନ୍ୟୁଙ୍କ କାବ୍ୟ କୃତି କାଳଜୟୀ। ଏହା କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଆଦୃତ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବିନୋଦ ବିହାରୀ ନାୟକ ଯୋଗଦେଇ କବିଙ୍କ ଲିଖିତ ବିଦଗ୍ଧ ଚିନ୍ତାମଣି ଓ ପ୍ରେମ ଚିନ୍ତାମଣି କାବ୍ୟରେ କିପରି ବିଶୁଦ୍ଧ ପ୍ରେମ ବର୍ଣ୍ଣନା କରାଯାଇଛି ତାହା ସେ ଆଲୋକପାତ କରିଥିଲେ।

ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ କବିଙ୍କ ଜନ୍ମ ବୃତ୍ତାନ୍ତ ଓ ବଂଶାବଳୀ ସମ୍ପର୍କରେ କହିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କବିଙ୍କ ବିଦଗ୍ଧ ଚିନ୍ତାମଣି କାବ୍ୟ ସର୍ବ ଭାରତୀୟ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ ହେବା ଆବଶ୍ୟକ। ସଂଗଠକ ରବୀନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାବ୍ୟତୀତ ଡ. ଶ୍ରୀହରି ଧଳ, ଡ. ଦେବପ୍ରସାଦ ସାମଲ, ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ପ୍ରାଧ୍ୟାପକ ଗଜେନ୍ଦ୍ର କୁମାର ଧଳ, ଶିକ୍ଷାବିତ ତଥା କବିଙ୍କ ବଂଶଧର ମନ୍ମଥ ରାୟ, ଅଧ୍ୟାପିକା ତନୁଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବିଙ୍କ ବିଦଗ୍ଧ ଚିନ୍ତାମଣି କାବ୍ୟ ଶ୍ରେଷ୍ଠ କୃତୀ ବୋଲି କହିଥିଲେ। ଶେଷରେ ଅଧକ୍ଷ ଥାଟୋଇ ତାଙ୍କ ଅଭିଭାଷଣରେ କବି ଅଭିମନ୍ୟୁଙ୍କ କୃତି ଭବିଷ୍ୟତ ବଂଶଧରଙ୍କ ପାଇଁ ସାହିତ୍ୟ କ୍ଷେତ୍ରରେ ଚୀର ଜାଜ୍ୱଲ୍ୟମାନ ହୋଇ ରହିବ ବୋଲି କହିଥିଲେ। ଏହାବ୍ୟତୀତ ଅଖିଳଚକ୍ରର ଏତାଦୃଶ କାର୍ଯ୍ୟକ୍ରମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ କବିଙ୍କ ଛାନ୍ଦ ଆବୃତ୍ତି କରିଥିଲେ। ଛାତ୍ର ଚିନ୍ମୟ ପଣ୍ଡା ଅପ୍ରାକୃତ ପ୍ରେମମୂର୍ତ୍ତି ଗାନ କରିଥିଲେ। ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ।

# ମା'ଶାରଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ

ଧର୍ମଶାଳା,୫।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ କୁମାରୀ ଦେଉଳିପାଳ ପାଦଦେଶସ୍ଥିତ ମା'ଶାରଳାଙ୍କ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ମା'ଶାରଳାଙ୍କ ପ୍ରଥମ ବାର୍ଷିକ ଅବସରରେ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କର୍ତ୍ତା ବିଶ୍ୱପ୍ରକାଶ ଶତପଥୀ ଓ ତନୁଶ୍ରୀ ଶତପଥୀ ୩ ଦିନ ଧରି ଯଜ୍ଞରେ ବସିଥିଲେ। ପଣ୍ଡିତ ପ୍ରମୋଦ ପାଢ଼ୀ ମୁଖ୍ୟ ପୂଜକ ଭାବେ ଯଜ୍ଞ ପୂର୍ଣ୍ଣାହୁତି କରିଥିଲେ। ମା' ଶାରଳା ପୂଜା କମିଟି ପକ୍ଷରୁ ସଭାପତି ହରିହର ସାହୁ, ଶରତ ଶତପଥୀ, ବ୍ରଜବନ୍ଧୁ ଶତପଥୀ, ରାଧାକାନ୍ତ ବେହେରା, ଅମର ମହାନ୍ତି, ହୃଷୀକେଶ ସାମଲ ଯଜ୍ଞ ଆୟୋଜନରେ ସହାୟତା କରିଥିବାବେଳେ ଦେବରାଜ ମିଶ୍ର, ପଣ୍ଡିତ ବ୍ରଜକିଶୋର ଦାଶ, ଭରତ ସାମଲ, ଗଦାଧର ମଲ୍ଲିକ, ବଂଶୀଧର ନାୟକ, ରାମଚନ୍ଦ୍ର ସାହୁ ପ୍ରମୁଖ କମିଟିର ସଭ୍ୟମାନେ ପ୍ରସାଦ ସେବନ ଓ ପୂଜା ପରିଚାଳନା କାର୍ଯ୍ୟରେ ସହାୟତା କରିଥିଲେ। ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।

# ନାବାଳିକାଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର

ବ୍ରହ୍ମବରଦା,୫।୫(ଡି.ଏନ.ଏ.)

ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଞ୍ଚଳରେ ଜଣେ ୮ବର୍ଷର ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହିତ ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭିଯୁକ୍ତ ଜଣଙ୍କ ହ୍ୟୁମାନ ରାଇଟସ୍‌ର ଜଣେ ସଭ୍ୟ ଥିବା ତାଙ୍କ ପରିଚୟପତ୍ରରୁ ଜଣାପଡ଼ିଛି। ସମ୍ପୃକ୍ତ ନାବାଳିକା ଏକାକି ଘରେ ଥିବାର ସୁଯୋଗ ନେଇ ସମ୍ପର୍କୀୟ ଭାଇ ତାଙ୍କୁ ବଳାତ୍କାର କରି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

# ସାମେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ସମ୍ବର୍ଦ୍ଧିତ ହେଲେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି**

ବରୀ,୫।୫(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଯାଜପୁର ଜିଲାର ପ୍ରମୁଖ ଶୈବପୀଠ ବାବା ସାମେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ଉଦ୍‌ଯାପନୀ ଉତ୍ସବରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆନନ୍ଦ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲାବେଳେ ଗୋବିନ୍ଦ ଚନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ଏମ୍‌ପି ଶର୍ମିଷ୍ଠା ସେଠୀ ଓ ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ କୃପା ଲାଭ କରିବା ସହ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାମାଜିକ କର୍ମୀ ଦେବ ଦାସ ଧନ୍ୟବାଦ ଦେଇଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ମଧ୍ୟରେ ଡାକ୍ତର ମଦନ କୁମାର ସାମଲ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ଆଦର୍ଶ କୃଷକ ଭାଗ୍ୟଧର ରାଉତ, ଗୋପୀନାଥ ଦାସ ଓ ଗୋବିନ୍ଦ ଚନ୍ଦ୍ର ସାମଲ ପ୍ରମୁଖ ରହିଛନ୍ତି। ମହାଯଜ୍ଞରେ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ସମେତ ବିଭିନ୍ନ ଜିଲାର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ଜନଶ୍ରୁତି ଅନୁଯାୟୀ, ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଉକ୍ତ ପାତାଳି ଶିବଲିଙ୍ଗ ଭୂଗର୍ଭରୁ ସ୍ୱୟଂଶୀଳ ଭାବେ ଆବିର୍ଭାବ ହୋଇଥିଲା। ନିକଟସ୍ଥ ଗ୍ରାମବାସୀ ଏଭଳି ବିସ୍ମୟ ଅଲୌକିକ ଆବିର୍ଭାବ ଦେଖି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ମୁକ୍ତ ଆକାଶ ତଳେ ପୂଜା ପାଉଥିବା ଏହି ଶିବ ଲିଙ୍ଗ ପରିସରକୁ ଆଳି-କନିକା ରାଜା ଦାନ ସୂତ୍ରରେ ଜମି ପ୍ରଦାନ କରିଥିଲେ। ପରେ ଯାଜପୁରର ମହନ୍ତ ବ୍ରଜସୁନ୍ଦର ଦାସ ଓ ଜଣେ ମୁସଲମାନ୍ ଜମିଦାର ନୀତିକାନ୍ତି ନିମନ୍ତେ ୨୬ ଏକର ଜମି ପ୍ରଦାନ କରିଥିଲେ। ଉକ୍ତ ଦାତବ୍ୟ ସମ୍ପତ୍ତିକୁ ୮୦ ପୂଜକ ପରିବାର ଭୋଗ ଦଖଲ କରିବା ସହ ସାମେଶ୍ୱରଙ୍କର ନୀତିକାନ୍ତି କରିଆସୁଛନ୍ତି। ଏହାପରେ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଖୋଲା ଆକାଶ ତଳେ ଥିବା ଏହି ଶିବଲିଙ୍ଗ ନିକଟରେ ମନ୍ଦିର ନିର୍ମାଣ ହୋଇଛି। ଅଙ୍ଗାଲୋ ଗ୍ରାମର ଭାଗ୍ୟଧର ସାମଲଙ୍କ ନେତୃତ୍ୱରେ ଏବଂ ଅଞ୍ଚଳର ଯୁବକମାନଙ୍କ ଆର୍ଥିକ ସହଯୋଗରେ ଏହି ଶିବ ମନ୍ଦିର ଆଜି ଭିନ୍ନରୂପରେ ପରିଚିତ ହୋଇଛି।

# ଚାନ୍ଦପୁର ପ୍ରିମିୟର ଲିଗ୍: କିଙ୍ଗ୍ କୋବ୍ରା ଚାମ୍ପିୟନ

ପାଣିକୋଇଲି,୫।୫(ଡି.ଏନ.ଏ.)


ଟ୍ରଫି ସହ ଚାମ୍ପିୟନ୍ ଦଳର ଖେଳାଳିମାନେ ।

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି (ଚାନ୍ଦପୁର) ଗ୍ରାମରେ ଚାଲିଥିବା ଚାନ୍ଦପୁର ପ୍ରିମିୟର୍ ଲିଗ୍ (ସିପିଏଲ୍) ଉଦ୍‌ଯାପିତ ହୋଇଯାଇଛି। ଏଥିରେ କିଙ୍ଗ୍ କୋବ୍ରା ଟିମ୍ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ତ୍ରିଶା ଚ୍ୟାଲେଞ୍ଜର ବନାମର କିଙ୍ଗ୍ କୋବ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି କିଙ୍ଗ୍ କୋବ୍ରା ବୋଲିଂ ନିଷ୍ପତ୍ତି ନେଇଥିଲା। ତ୍ରିଶା ଚ୍ୟାଲେଞ୍ଜର ବ୍ୟାଟିଂକରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୪୦ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗ୍ କୋବ୍ରା ୭ ଓଭର ୩ଟି ବଲ୍‌ରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌କୁ ଦୁର୍ଗାଶଙ୍କର ପଟ୍ଟନାୟକ ଓ ବିଶ୍ୱନାଥ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ କଳ୍ପନା ପରିଡ଼ା ଓ ରାକେଶ ସାହୁ ଯୋଗଦାନ କରିଥିଲେ। ଭାଷ୍ୟକାର ଭାବେ ଆନନ୍ଦ ରଣା ଓ ବିଶ୍ୱଜିତ ମଲ୍ଲିକ ଯୋଗଦେଇଥିଲେ। ଅତିଥି ଭାବେ ସଞ୍ଜୀବ ଚୌଧୁରୀ, ନାରାୟଣ ଚନ୍ଦ୍ର ପଣ୍ଡା ଓ ବିଷ୍ଣୁ ଚରଣ ରାଉତ ଯୋଗଦେଇ ଚାମ୍ପିୟନ କିଙ୍ଗ୍ କୋବ୍ରା, ରନର୍ସଅପ ତ୍ରିଶା ଚ୍ୟାଲେଞ୍ଜର ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସନ୍ଦୀପ ମହାକୁଡ଼, ମ୍ୟାନ୍ ଅଫ୍ ଦି ସିରିଜ ରାକେଶ ସାମଲ, ବେଷ୍ଟ ବୋଲର ସୁରଜ ପଣ୍ଡା, ବେଷ୍ଟ ଫିଲ୍ଡର ପ୍ରଶାନ୍ତ ସେନାପତିଙ୍କୁ ନଗଦ ଅର୍ଥ ରାଶି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

ଟୁର୍ନାମେଣ୍ଟକୁ ଅମରେଶ ସ୍ୱାଇଁ, ମନ୍ମଥ ପଣ୍ଡା, ପ୍ରଦୀପ ପଣ୍ଡା, ଅଶୋକ ପରିଡ଼ା, ଅଜୟ ପରିଡ଼ା, ପ୍ରକାଶ ସେନାପତି, ବଚନ ସ୍ୱାଇଁ, ପ୍ରଦୀପ ସେନାପତି, ରାଜେନ୍ଦ୍ର ପାଗଳ, ମାନସ ପରିଡ଼ା, ଶିବ ପରିଡ଼ା, ବ୍ରଜ ସ୍ୱାଇଁ, ଆଶୀର୍ବାଦ ସ୍ୱାଇଁ, ରମେଶ ଓଝା, ଆଦିତ୍ୟ ସ୍ୱାଇଁ, ମନୋଜ ସ୍ୱାଇଁ, ବିଭୁଦତ୍ତ ମଲ୍ଲିକ, ପ୍ରଦୀପ ପରିଡ଼ା, ଦିଲୀପ ପରିଡ଼ା, ପ୍ରଭାତ ସେନାପତି, ତ୍ରିଲୋଚନ ସ୍ୱାଇଁ ଓ ମନପ୍ରା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଡାକ୍ତର ବିଭୂତି ଭୂଷଣ ହେଲେ ପିପିଏ ହସ୍ପିଟାଲ ସିଏମଓ

**ପାରାଦୀପ,୫ା୫(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଚିକିତ୍ସାଳୟର ନୂତନ ସିଏମ୍‌ଓ (ମୁଖ୍ୟ ଚିକିତ୍ସାଧିକାରୀ)ଭାବେ ଡାକ୍ତର ବିଭୂତି ଭୂଷଣ ଦାସ ନିଯୁକ୍ତି ପାଇଛନ୍ତି । ଏ ନେଇ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପିପିଏକୁ ସର୍କୁଲାର ଆସିଛି। ଡାକ୍ତର ଦାସ ଏହି ହସ୍ପିଟାଲରେ୧୯୯୯ ଡିସେମ୍ବର ୧୨ରେ ରେଡିଓଲୋଜିଷ୍ଟ ବିଶେଷଜ୍ଞ ଭାବେ ନିଯୁକ୍ତି ପାଇଥିଲେ। ସେ ଦୀର୍ଘଦିନ ହେଲା ଏଠାରେ ଡେପୁଟି ସିଏମ୍‌ଓ ଥିଲେ। ପୂର୍ବରୁ ଥିବା ସିଏମଓ ଡାକ୍ତର ପ୍ରହଲ୍ଲାଦ ପଣ୍ଡା ଗତ ମାର୍ଚ୍ଚ ୩୧ରେ ଅବସର ନେବା ପରେ ଉକ୍ତ ପଦବୀ ଖାଲି ଥିଲା। ଦାସ ନିଯୁକ୍ତି ପାଇବା ପରେ ତାଙ୍କୁ ହସ୍ପିଟାଲ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

**ଏରସମା,୫ା୫(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ କୁଆଁରବେଦି ଗ୍ରାମର ଗଡେଶ୍ୱର ମହାଦେବଙ୍କ ପୀଠରେ ୨ ତାରିଖରୁ ଚାଲିଥିବା ସପ୍ତଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞରେ ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ପରମ୍ପରା ଅନୁସାରେ ଗତ ୩ ତାରିଖରେ ଚଳନ୍ତି ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ନିଆଯାଇ ପାଳଧୁଆବନ୍ଧସ୍ଥିତ ଅଳକା ନଦୀରେ ଜଳଯାତ୍ରା କରାଯାଇଥିଲା। ପରେ ଆୟୋଜିତ ଯଜ୍ଞରେ ଦିଲୀପ କୁମାର ମହାନ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ପାଲା ରାମଲୀଲା ଯାତ୍ରା, ଭଜନ ସନ୍ଧ୍ୟା, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଗଞ୍ଜେଇ ଚାଲାଣକାରୀଙ୍କୁ ଅଢ଼େଇ ବର୍ଷ ଜେଲ

**ଆଠଗଡ,୫ା୫(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ମେଘାଗ୍ରାମ ସୁକୁମାରୀ ଛକରୁ ୨୫।୪।୨୨ରେ ଅବକାରୀ ବିଭାଗ ପକ୍ଷରୁ ୬.୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ମଙ୍ଗୁଳି ପଲେଇଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଅବକାରୀ ଥାନାରେ ମାମଲା (ନଂ. ୩/୨୨) ରୁଜୁ ହୋଇଥିଲା। ଗୁରୁବାର ଏହାର ରାୟ ପ୍ରକାଶ ପାଇଛି। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ୍ତ କୁମାର ସାହୁ ଏହାର ବିଚାର କରି ଅଭିଯୁକ୍ତ ମଙ୍ଗୁଳିଙ୍କୁ ନିଶାଦ୍ରବ୍ୟ ଚୋରାଚାଲାଣ ଆଇନ ଧାରା ୨୦(ଖ), ୨(ଖ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏନେଇ ମଙ୍ଗୁଳିଙ୍କୁ୨ବର୍ଷ ୬ମାସ ସଶ୍ରମ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅଧିବ୍ୟକ୍ତା ପ୍ରସନ୍ନ କୁମାର ରାଉତ ଏହି ମାମଲାର ପରିଚାଳନା କରିଥିଲେ।

# ତାଳଦଣ୍ଡା କେନାଲରେ ଜଳାଭାବ

- ୧୦ ବର୍ଷ ହେବ ନବୀକରଣ କାମ ଚାଲିଛି
- ଯୁଗ୍ମ ଅଯୁଗ୍ମ ବ୍ୟବସ୍ଥାରେ ଜଳ ଯୋଗାଣ ହେଉଛି



**ପାରାଦୀପ,୫ା୫(ସ୍ୱ.ପ୍ର.)**

ପାରାଦୀପ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପାଇଁ ଜୀବନରେଖା ହେଉଛି ତାଳଦଣ୍ଡା କେନାଲ। କାରଣ ପାରାଦୀପର ୧୫ଟି ବୃହତ୍ ଶିଳ୍ପ ଏବଂ ଜଗତ୍‌ସିଂହପୁର ଜିଲାରର ଅଧିକାଂଶ ଗ୍ରାମାଞ୍ଚଳ ପାଇଁ ଏହି କେନାଲ ପାଣି ହେଉଛି ମାଧ୍ୟମ। ସମ୍ପ୍ରତି ଏହି କେନାଲରେ ଗତ ୧୦ ବର୍ଷ ହେଲା ଖରାଦିନେ ଜଳ ସଙ୍କଟ ଦେଖାଦେଉଛି। ମହାନଦୀରେ ଜଳାଭାବ ଓ ତାଳଦଣ୍ଡା କେନାଲର ନବୀକରଣ ଯୋଗୁ ଏପରି ହେଉଛି ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଏହି ତାଳଦଣ୍ଡା କେନାଲକୁ ୧୮୬୬ରେ ଇଂରେଜମାନେ କରିଥିଲେ। କଟକ ଜୋବ୍ରାଠାରୁ ପାରାଦୀପର ଚଉମୁହାଣି ପର୍ଯ୍ୟନ୍ତ ଏହାର ସୀମା ଥିଲା। ୧୯୬୨ରେ ପାରାଦୀପ ବନ୍ଦର ହେବାପରେ ସେହି କେନାଲ ସମ୍ପ୍ରସାରିତ ହୋଇଥିଲା। ସିଙ୍ଗଟାଳି ଛକଠାରୁ ଅଠରବାଙ୍କି ପର୍ଯ୍ୟନ୍ତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କେନାଲ ଖୋଳାଯାଇଥିଲା। ଏହି କେନାଲରେ ଦୁଇଟି ଶାଖା କେନାଲ ରହିଛି। ଗୋଟିଏ ହେଲା ମାଛଗାଁ ଓ ଅନ୍ୟଟି ତାଳଦଣ୍ଡା। ପାରାଦୀପ ଟାଉନଶିପରେ ଏବେ ପାନୀୟ ଜଳ ସଙ୍କଟ ଉତ୍କଟ ସ୍ଥିତିରେ ପହଞ୍ଚିଛି। ପାରାଦୀପ ବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପାଇଁ ଯୁଗ୍ମ ଅଯୁଗ୍ମ ବ୍ୟବସ୍ଥାରେ ଜଳ ଯୋଗାଣ କରୁଛନ୍ତି। ଅର୍ଥାତ ଦିନେ ଥରେ ପରଦିନ ଦୁଇଥର ଅଳ୍ପ ଲେଖା ପାଣି ଦେଉଛନ୍ତି। ବନ୍ଦରର ୧୭୫ ଏକର ବିଶିଷ୍ଟ ଜଳାଶୟ ମଧ୍ୟରେ ଏବେ ଯେତିକି ପାଣି ରହିଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ସେଠାକାର ଜଣେ ଯନ୍ତ୍ରୀ କହିଛନ୍ତି। ତାଳଦଣ୍ଡା କେନାଲରେ ୨୦୧୩ରୁ ନବୀକରଣ କାମ ଏହି ଖରାଦିନେ କରାଯାଉଛି। ଏପର୍ଯ୍ୟନ୍ତ କଟକଠାରୁ ବିରିବାଟି ପର୍ଯ୍ୟନ୍ତ କାମ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମହାନ୍ତି କୁହନ୍ତି। ଯୁଗ୍ମ ଅଯୁଗ୍ମ ଜଳ ଯୋଗାଣ ଯୋଗୁ ଚଳିବା କଷ୍ଟକର ବୋଲି ଦୀପ୍ତିରେଖା ପାଢ଼ୀ ନାମକ ଗୃହିଣୀ କୁହନ୍ତି। ବିକଳ୍ପ ପନ୍ଥା ଭାବେ ଆମେ ନଳକୂପ ଖୋଳି ସେହି ପାଣି କପଡା ଧୋଇବା, ସ୍ନାନ ଶୌଚ ଆଦି କାମ କରୁଛୁ ବୋଲି ସେ କୁହନ୍ତି। ମହାନଦୀର ଜଳାଭାବ ଏବେଠାରୁ ପାରାଦୀପରେ ପରିଲକ୍ଷିତ ହେଲାଣି। ଆଗାମୀ ଦିନରେ ଏହା ଆହୁରି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

# ଅତିଥି ଭବନ କକ୍ଷରୁ ଯୁବ ଇଞ୍ଜିନିୟରଙ୍କ ମୃତଦେହ ଜବତ

**ପାରାଦୀପ,୫ା୫(ସ୍ୱ.ପ୍ର.)**

**ଚଳିତ ମାସରେ ବିବାହ ହୋଇଥାନ୍ତା**

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁର ତାରିଣୀଗଡା ଅଞ୍ଚଳର ଏକ ଘରୋଇ ଅତିଥି ଭବନ କକ୍ଷର ପଙ୍ଖାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତାପସ ପ୍ରସାଦ ଆଚାରୀ (୩୧)। ତାଙ୍କ ଘର ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପନ୍ଦିଆପଥର ଗ୍ରାମରେ। ପୋଲିସ ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଖବରପାଇ ପରିବାର ଲୋକେ ପାରାଦୀପ ମୁଖେ ଆସୁଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ମୃତ ଇଞ୍ଜିନିୟର ତାପସଙ୍କ ନିର୍ବନ୍ଧ ସରିଥିଲା। ଚଳିତ ମାସରେ ବିବାହ କରିବାର ଥିଲା ବୋଲି ଜଣାପଡ଼ିଛି।

# ସାର ବୋଝେଇ ଟ୍ରକ୍ ଧକ୍କାରେ ଶ୍ରମିକ ଗୁରୁତର

**ପାରାଦୀପ, ୫ା୫(ସ୍ୱ:ପ୍ର:)**

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ପିପିଏଲ ସଂଯୋଗ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ସାର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିଝରା ବସ୍ତିର କୁଳମଣି ବେହେରା। ସେ ସାର ବୋଝେଇ ଖଲାସ ଶ୍ରମିକ ଭାବେ କାମ କରନ୍ତି। ସାଇକେଲ ଯୋଗେ ବାଲିଝରା ବସ୍ତିର ଷଣ୍ଢଛକ ପାଖକୁ ଯିବା ବେଳେ ଟ୍ରକ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ନେଇଥିଲେ। କୁଳମଣିଙ୍କ ଚେତା ନ ଥିବାରୁ ମୃତ୍ୟୁ ହୋଇଯାଇଥିବା ଆଶଙ୍କା କରି ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲକୁ ଚାଲି ଆସିଥିଲେ। ସେଠାରେ ବ୍ୟବଚ୍ଛେଦ ପାଇଁ ଡାକ୍ତର ପରୀକ୍ଷା କରିବା ବେଳେ କୁଳମଣିଙ୍କ ମୃତ୍ୟୁ ହୋଇ ନ ଥିବା ଜଣାପଡ଼ିଥିଲା। ପୁଣି ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ପିପିଏଲ ସଂଯୋଗ ରାସ୍ତାରେ ମରାମତି କାର୍ଯ୍ୟ ଚାଲିଥିବାରୁ ଜିଲା ପ୍ରଶାସନ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଗତ ୨୪।୪।୨୦୨୩ରେ ଜିଲା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଦେଇଥିବା ସୂଚନା ଅନୁଯାୟୀ, ଉକ୍ତ ରାସ୍ତାରେ ସକାଳ ୧୧ ଟାରୁ ଅପରାହ୍ନ ୫ ଟା ଯାଏ କଟକଣା ଜାରି କରାଯାଇଛି। ଉକ୍ତ ସ୍ଥାନରେ ଏବେ ଦୁର୍ଘଟଣା ଘଟିଛି।

# ନୌକାବିହାରରେ ଭକ୍ତଙ୍କୁ ଦର୍ଶନ ଦେଲେ ଯାଦବେନ୍ଦ୍ର

**ରଘୁନାଥପୁର,୫ା୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଧରାଧାରପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଅଧିଷ୍ଠାତା ପ୍ରଭୁ ଯାଦବେନ୍ଦ୍ରଙ୍କ ୫ଦିନ ବ୍ୟାପୀ ଚାଲିଥିବା ଚନ୍ଦନ ଯାତ୍ରା ଉତ୍ସବ ବୁଦ୍ଧ ପୂର୍ଣ୍ଣିମାରେ ଶେଷ ହୋଇଛି। ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଅଧରପଣା ଲାଗି ହୋଇଥିଲା। ଏହାକୁ ପ୍ରସାଦ ରୂପେ ପାଇବା ପାଇଁ ଉପସ୍ଥିତ ଦର୍ଶନାର୍ଥୀଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିଥିଲା।

ସ୍ଥାନୀୟ ଚନ୍ଦନ ପୋଖରୀରେ ନୌକାବିହାର ସମୟରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୋଖରୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମିନାବଜାରରେ ଲୋକଙ୍କ ଗହଳି ଜମିଥିଲା। ଏହି ଅବସରରେ କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକମାନେ ଉପଭୋଗ କରିଥିଲେ। ଚନ୍ଦନ ଯାତ୍ରା ପରିଚାଳନାରେ କମିଟିର ସଦସ୍ୟ ରତନ ସିହ୍ନା, ସତ୍ୟାନନ୍ଦ ସାହୁ, କେଦାର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ରାୟ, କାର୍ତ୍ତିକ ସାହୁ, ଗୋପାଳ ସେଠୀ, ରାମଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ବୋଷ, ମୋହିତ ଚକ୍ରବର୍ତ୍ତୀଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



ଚନ୍ଦନ ପୋଖରୀରେ ପ୍ରଭୁ ଯାଦବେନ୍ଦ୍ର ନୌକାବିହାର କରୁଛନ୍ତି।

### ଟ୍ରେନ୍‌ରେ କଟି ପେଡ଼ା ବେପାରୀଙ୍କ ମୃତ୍ୟୁ

**ଧର୍ମଶାଳା,୫ା୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅଧୀନ ଥାନୁଆଳ ପଞ୍ଚାୟତ ଥାନୁଆଳ ଗ୍ରାମର ଜଣେ ପେଡ଼ା ବେପାରୀ ହରିଦାସପୁର ଷ୍ଟେଶନରେ ଚଳନ୍ତା ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଥାନୁଆଳ ଗ୍ରାମର କୁଳମଣି ଦୋରାଙ୍କ ପୁଅ ଅଜୟ ଦୋରା(୪୮)। ପ୍ରତିଦିନ ଅଜୟ ଟ୍ରେନରେ ଯାଇ ପେଡ଼ା ବ୍ୟବସାୟ କରିଥାନ୍ତି। ତେବେ ଶୁକ୍ରବାର ଭୋର ସମୟରେ ସେ ଟ୍ରେନରୁ ଖସିପଡି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି।

### ଆବାସ ଦୁର୍ନୀତି: ୫ଜଣଙ୍କ ନାମରେ ମାମଲା

**ପ୍ରୀତିପୁର,୫ା୫(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍‌ରେ ଆବାସ ବଣ୍ଟନରେ ଅନିୟମିତା ନେଇ ଅଭିଯୋଗ ହେବାପରେ ପିଇଓ କୃଷ୍ଣ ଚନ୍ଦ୍ର ମହଲା ନିଲମ୍ବିତ ହୋଇଛନ୍ତି। ଏଥିସହିତ କାଏଣା ରଘୁନାଥପୁର ପଞ୍ଚାୟତର ୫ ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ଅଯୋଗ୍ୟ ହୀତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭୁଲରେ ଆବାସ ଅର୍ଥ ପଇଠ ହୋଇଥିବା ନେଇ ବିଡିଓ ମିନତି ଜଗଦ୍ଦେବ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଡିଓଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ନଂ.୧୬୧, ୧୬୨, ୧୬୩, ୧୬୪ ଏବଂ ୧୬୫/୨୩ରେ ଯଥାକ୍ରମେ ; ସାବିତ୍ରୀ ବେହେରା, ଭରତ ଚନ୍ଦ୍ର ଜେନା, ଭରତ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ଧଳ ଓ ବିଷ୍ଣୁ ଚରଣ ବେହେରାଙ୍କ ନାମରେ ମାମଲା ରୁଜୁ ହୋଇଛି।

# ଧଉଳିକୁଦରେ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ



ଯଜ୍ଞରେ ଆହୁତି ଦିଆଯାଉଛି।

**ରଘୁନାଥପୁର,୫ା୫ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁରସ୍ଥିତ ଧଳତଙ୍ଗଗଡ ଜଙ୍ଗଲରେ ଥିବା ବହୁ ପୁରାତନ ଧ୍ରୁବ ତପସ୍ୟା ସ୍ଥଳୀ ଧଉଳିକୁଦଠାରେ ୫ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଶେଷ ହୋଇଛି। ପୂର୍ଣ୍ଣାହୁତି ଅବସରରେ ଏଠାରେ ୫ ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ଏନେଇ ଆୟୋଜିତ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ ଗ୍ରାମର କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଯଜ୍ଞ ନିମନ୍ତେ ରୀତିନୀତି ଅନୁଯାୟୀ କଳସ ଯାତ୍ରା, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ସହ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ମଧ୍ୟରାତ୍ରିରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କିମ୍ବଦନ୍ତୀ ଅନୁଯାୟୀ ଧ୍ରୁବ ଋଷି ଏହି ସ୍ଥାନରେ ତପସ୍ୟା କରିଥିଲେ। ଆବାହନ କାଳରୁ ସର୍ବଦା ଉକ୍ତ ତପସ୍ୟା ସ୍ଥଳରେ ଅନଳ ଜଳୁଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଅଲୌକିକ ଘଟଣା ଦେଖିବା ପାଇଁ ବୁଦ୍ଧ ପୂର୍ଣ୍ଣମୀ ଯଜ୍ଞର ପୂର୍ଣ୍ଣାହୁତି ଦିନ ଅଧିକ ଜନସମାଗମ ହୋଇଥାଏ ବୋଲି ତଅାଁରା ସରପଞ୍ଚ ବଟକୃଷ୍ଣ ନାୟକ କହିଛନ୍ତି। ଅକ୍ଷୟ ମିଶ୍ର, ରାମଚନ୍ଦ୍ର ମହାପାତ୍ର, ତାରାକାନ୍ତ ଜେନା ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ କାର୍ଯ୍ୟ ସମାପନ ହୋଇଛି।

# ବଟ ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କୁଜଙ୍ଗ,୫ା୫ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ବଟମହାପୁରୁଷ ପୀଠରେ ଭାଗବତ ସପ୍ତାହ, ୭୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୯ତାରିଖ ଶନିବାରଠାରୁ ଭାଗବତ ସପ୍ତାହ ଆରମ୍ଭ ହୋଇଥିବାବେଳେ ୨ତାରିଖ ମଙ୍ଗଳବାର ଅଙ୍କୁରା ରୋପଣ ଓ ୩ ତାରିଖ ବୁଧବାର କଳସ ଶୋଭାଯାତ୍ର ଓ ଶୁଭାଧିବାସ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି । ସପ୍ତାହ ବ୍ୟାପୀ ଉକ୍ତ କାର୍ଯ୍ୟକର୍ମରେ ନାମ ସଂକୀର୍ତ୍ତନ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଉଥିଲା । ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ପରିଚାଳିତ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବ୍ରଜବନ୍ଧୁ ଖଟାଇ, ନିରଞ୍ଜନ ବେହେରା, ବେଣୁଧର ସ୍ୱାଇଁ, ଧନେଶ୍ୱର ରାଉତ, ମାନସ ପ୍ରଧାନ, ଶଶିକାନ୍ତ ପ୍ରଧାନ, ଉଲ୍ଲାସ ବେହେରା, ସୁରେଶ ସାହୁ ଓ ଭାବଗ୍ରାହୀ ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବଳରାମପୁରସ୍ଥିତ ମୁନୁଗୋସାଇଁ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅଲେଖ ପଲେଇ, ବିଚିତ୍ର ପ୍ରଧାନ, ଶିଶିର ନାୟକଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅନୁଷ୍ଠିତ ନାମଯଜ୍ଞରେ ସଂକୀର୍ତ୍ତନ କରାଯାଉଛି।

# ବନ୍ଦ ହେଲାଣି ଏକାଧିକ ଯାତ୍ରାପାର୍ଟି

- ଜୀବିକା ହରାଇଲେଣି ବହୁ କଳାକାର
- କରୋନା ମହାମାରୀ ସମୟରେ ଅଧିକ ପ୍ରଭାବିତ ହୋଇଛି

**ଜଗତ୍‌ସିଂହପୁର ଅଫିସର, ୫ା୫**

ଯାତ୍ରା ଦୁନିଆରେ ଜଗତ୍‌ସିଂହପୁରର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲାର ପୂର୍ବ ଡାକ ନାମ ଥିଲା ହରିହରପୁର ।ଏଠାରେ ଯାତ୍ରାର ପ୍ରାଥମିକ ରୂପଲୀଳା ଅଷ୍ଟାଦଶ ଶତାବ୍ଦୀର ଶେଷ ଏବଂ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆରମ୍ଭ ହୋଇଥିଲା। ସେତେବେଳେ ଜିଲାର ଏକାଧିକ ଗ୍ରାମରେ ଯାତ୍ରା ଦଳ ଗଢ଼ିଉଠିଥିଲା। କିନ୍ତୁ ସମୟାନୁକ୍ରମେ ଏଗୁଡିକ ମଧ୍ୟରୁ ଅଧିକାଂଶ ଅର୍ଥାଭାବରୁ ବୁଡ଼ିଗଲାଣି । ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ସେଥିମଧ୍ୟରୁ ୪୨ଟି ବଞ୍ଚି ରହିଥିଲା । କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ଆହୁରି ହ୍ରାସ ପାଇ ମାତ୍ର କେତୋଟି ହାତଗଣତି ପାର୍ଟି ରହିଛି। ତଥାପି ଜଗତ୍‌ସିଂହପୁରର ଅପେରା ରାଜ୍ୟ ତଥା ବାହାରେ, ଜିଲାର ସ୍ୱତନ୍ତ୍ର ପରିଚୟ ବଜାୟ ରଖିବାକୁ ସମର୍ଥ ହୋଇଛି। ଅତୀତରୁ ବର୍ତ୍ତମାନ ଭିତରେ ଅନେକ ଯାତ୍ରା ପାର୍ଟି ବୁଡ଼ିଯାଇଥିବାବେଳେ ଏହା ଉପରେ ନିର୍ଭର କରି ପରିବାର ଭରଣପୋଷଣ କରୁଥିବା ସହସ୍ରାଧିକ କଳାକାର ଜୀବିକା ହରାଇଲେଣି। ବିଶେଷ କରି କରୋନା ମହାମାରୀ ସମୟରେ ଯାତ୍ରା ଜଗତ ଅଧିକ ପ୍ରଭାବିତ ହୋଇଥିଲା।

ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ୧୯୨୧ରୁ ୨୦୦୬ ସୁଦ୍ଧା ଶତାଧିକ ଯାତ୍ରା ଦଳ (ପାର୍ଟି) ଗଢ଼ିଉଠିଥିଲା । ସେଥିମଧ୍ୟରୁ ଜୟଦୁର୍ଗା ନାଟ୍ୟ ମଣ୍ଡଳୀ ଜିଲାର ପ୍ରଥମ ଯାତ୍ରା ଦଳ ଥିଲା। ତା'ପରେ ଜୟନାରାୟଣୀ ଅପେରା, କେନ୍ଦାଳ ଦଳ ଆଦି ଶତାଧିକ ସୃଷ୍ଟି ହୋଇଥିଲା । କିନ୍ତୁ ସମୟ ଚକ୍ରରେ ଏସବୁ ଆଉ ନାହିଁ । କେବଳ ପାର୍ବତୀ, ତୁଳସୀ ଗଣନାଟ୍ୟ, ଶିବାନୀ, ତ୍ରିନାଥ, ଗୌରୀ, ଅଷ୍ଟଶମ୍ଭୁ, ରୁଦ୍ରାଣୀ ଏବଂ ଦୁର୍ଗାଶ୍ରୀ ଗଣନାଟ୍ୟ ଭଳି କେତୋଟି ବଞ୍ଚି ରହିଛି। ଯାତ୍ରାରେ ଆଧୁନିକତାର ଛାପ ଲାଗିବା ସାଙ୍ଗକୁ ବ୍ୟୟବହୁଳ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅନେକ ପାର୍ଟି ହାରି ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ଅଷ୍ଟଦଶରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ପ୍ରାୟତଃ ଗାଁ ଗହଳିର ଲୋକେ ଶିକ୍ଷାଲାଭରୁ ବଞ୍ଚିତ ଥିଲେ । ଶିକ୍ଷିତଙ୍କ ବାଦ୍ ଅଶିକ୍ଷିତ, ଅଳ୍ପଶିକ୍ଷିତ ଏବଂ ଅନଗ୍ରସର ଲୋକଙ୍କ ମନୋରଞ୍ଜନ ପାଇଁ ସେତେବେଳେ ଯାତ୍ରା ବେଶ୍ ସହାୟକ ହେଉଥିଲା। ନାଟ୍ୟ ସମାଲୋଚକମାନଙ୍କ ମତରେ ଯାତ୍ରା ଏକ ଉଦାର ସଂଜ୍ଞା। ଏହାର ପରିସର ପ୍ରଥମେ ଲୀଳା, ସୁଆଂଗ, ଫାର୍ଶରେ ସୀମିତ ଥିଲା। ଏସବୁର ବିଷୟବସ୍ତୁ ଥିଲା ମୁଖ୍ୟତଃ ପୁରାଣକୈନ୍ଦ୍ରିକ। ଊନବିଂଶ ଶତକର ଶେଷ ପର୍ଯ୍ୟାୟରେ ଲୀଳା ବେଶ୍ ଆଦୃତ ଥିଲା । ରାମଲୀଳା, କୃଷ୍ଣଲୀଳା, ଭାରତ ଲୀଳା ଏହି ୩ ପ୍ରକାର ଲୀଳା ମୁଖ୍ୟତଃ ଦୃଷ୍ଟିଗୋଚର ହେଉଥିଲା। ରାମାୟଣ, ମହାଭାରତ ଏବଂ ଭାଗବତରୁ ବିଷୟ ଚୟନ କରାଯାଇ ଏହି ଲୀଳା ରଚନା ସହ ଅଭିନୀତ ହେଉଥିଲା। ପରେ ଗୀତିନାଟ୍ୟ ଓ ଗୀତାଭିନୟ ଆରମ୍ଭ ହେଲା। ଏହାର ବିଷୟବସ୍ତୁ ମଧ୍ୟ ପୌରାଣିକ ଥିଲା। ସଂଳାପଗୁଡିକ ମୁଖ୍ୟତଃ ସଂଗୀତାତ୍ମକ ଥିଲା। ସେତେବେଳେ ଗ୍ରାମୀଣ ତଥା କଥିତ ଭାଷା, ଢଗ, ଢମାଳିର ବ୍ୟାପକ ପ୍ରୟୋଗ ଦର୍ଶକଙ୍କୁ ମୁଗ୍ଧ କରିଦେଉଥିଲା। ଗାଁ ଗହଳିରେ ସେଭଳି କୌଣସି ମଞ୍ଚ ନ ଥିଲା। ଗାଁ ମୁଣ୍ଡ ଖୋଲା ପଡ଼ିଆରେ ଯାତ୍ରା ପରିବେଷଣ କରାଯାଉଥିଲା। ବିଶେଷକରି ମହିଳା ଏବଂ ପୁରୁଷ ଉଭୟଙ୍କ ଅଭିନୟ ପୁରୁଷମାନେ କରୁଥିଲେ। ବିଂଶ ଶତାବ୍ଦୀର ୪ର୍ଥ ଭାଗରୁ ନାରୀମାନେ ଅଭିନୟ କରିବା ଆରମ୍ଭ କଲେ। ସେତେବେଳେ ଯେଉଁଭଳି ଆଲୋକ ବ୍ୟବସ୍ଥା କରାଯାଉଥିଲା ତାହା ଆଜି ଆମ ପାଇଁ କାହାଣୀ ପରି ଲାଗିବା ସ୍ୱାଭାବିକ। ବନ୍ଦିଆ(କନା ବିଣ୍ଡାରେ ପୋଲାଙ୍ଗ ତେଲ ଢାଳି ଅଗ୍ନି ସଂଯୋଗ)କୁ ଜଣେ ଲୋକ ଧରି ମଞ୍ଚରେ ଅଭିନେତାଙ୍କ ପଛେପଛେ ବୁଲୁଥିଲେ । ପରେ ଏହାକୁ ମଞ୍ଚ ଚାରିକଡେ ରଖାଯିବା ବ୍ୟବସ୍ଥା କରାଯାଇଥିଲା। ବିଂଶ ଶତାବ୍ଦୀ ବେଳକୁ ପେଟ୍ରୋମାକ୍ସ ଏବଂ ଡେ-ଲାଇଟ୍‌ର ପ୍ରଚଳନ ହେଲା। ସ୍ୱାଧୀନତା ପରେ ବିଦ୍ୟୁତ୍ ଆଲୋକ ସୁବିଧା ପରେ ସମୟାନୁକ୍ରମେ ଯାତ୍ରା ଗଣନାଟ୍ୟ ବା ଅପେରାକୁ ରୂପାନ୍ତରିତ ହୋଇଥିଲା। ରଚନା ଶୈଳୀ, ଅଭିନୟ, ମଞ୍ଚ ସଜ୍ଜା, ଆଲୋକ ସାଜସଜ୍ଜା, ସଂଗୀତ ସଂଯୋଜନା, ନିର୍ଦ୍ଦେଶନା, ବାଦ୍ୟଯନ୍ତ୍ର, ଅଭିନେତ୍ରୀ, ଅଭିନେତା, ବିଜ୍ଞାପନ, ପରିବହନ ଆଦି ସବୁ କ୍ଷେତ୍ରରେ ଅନେକ ପରିବର୍ତ୍ତନ ସହ ବ୍ୟବସାୟରେ ପରିଣତ ହୋଇଛି। ଜଗତ୍‌ସିଂହପୁରକୁ ଏହି ସ୍ଥାନକୁ ଆଣିବାରେ ଏକାଧିକ ବ୍ୟକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ପ୍ରଥମେ ଚୈତନ୍ୟ ଦାସ ଏବଂ ପରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ନାମ ରହିଛି। ମହାନ୍ତି ୧୯୨୧ରେ ଜିଲାର ପ୍ରଥମ ଯାତ୍ରା ପାର୍ଟି ଜୟଦୁର୍ଗା ନାଟ୍ୟ ମଣ୍ଡଳୀ ପ୍ରତିଷ୍ଠା କରିଥିଲେ। ସେତେବେଳେ ଏହି ପାର୍ଟି କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସୁନାମ ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ଦୂରବସ୍ଥା ଯୋଗୁ ଏହା ଭାଙ୍ଗି ଯାଇଥିଲା। ପ୍ରଥମେ ଯାତ୍ରାରେ ଆଧୁନିକତାର ଛାପ ଥିଲା ଏହି ଯାତ୍ରା ପାର୍ଟିରେ। ଇତିମଧ୍ୟରେ କେବଳ ଯାତ୍ରା ପାର୍ଟି ଭାଙ୍ଗିଯାଇନି ଏହା ଉପରେ ନିର୍ଭର କରୁଥିବା ସହସ୍ରାଧିକ କଳାକାର, କଣ୍ଠଶିଳ୍ପୀ, ବାଦ୍ୟକାର, ନିର୍ଦ୍ଦେଶକ, ଲେଖକ ପ୍ରମୁଖଙ୍କ ଜୀବିକା ଚାଲିଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ପରିବାର ଦାରିଦ୍ର୍ୟର ତାଡ଼ନାରେ ଘାଣ୍ଟି ହେଉଛନ୍ତି। କେତେଜଣ ଅନ୍ୟ ପନ୍ଥା ଆପଣେଇ ନେଇଥିବାବେଳେ ଅନେକଙ୍କ ମୃତ୍ୟୁ ହୋଇଗଲାଣି। ଏ ସମ୍ପର୍କରେ ସତ୍ୟବ୍ରତ ମହାପାତ୍ର ପ୍ରତିକ୍ରିୟାରେ କହିଛନ୍ତି, ବିଶେଷକରି କରୋନା ମହାମାରୀ ସମୟରେ ଆର୍ଥିକ ବୋଝ ସମ୍ଭାଳି ନ ପାରି ପାର୍ବତୀ ଓ ତ୍ରିନାଥ ଭଳି ଯାତ୍ରା ପାର୍ଟିବିକ୍ରି କରିବାକୁ ସେ ବାଧ୍ୟ ହେଲେ। କଳାକାର ଓ ଯାତ୍ରା ପାର୍ଟି ଏହି ସମୟରେ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସେହିପରି ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘ ସମ୍ପାଦକ ଆର୍. କେ. ହୀରାଲାଲ ମଧ୍ୟ କରୋନା କଷଣ ସମ୍ପର୍କରେ ବଖାଣିଥିଲେ। ସମ୍ପ୍ରତି ସ୍ଥିତିରେ ସୁଧାର ଆସିଥିବାରୁ ଯାତ୍ରା କଳାକାର ଓ କର୍ମଚାରୀମାନେ କେତେକାଂଶରେ ଆଶ୍ୱସ୍ତି ପ୍ରକାଶ କରୁଥିବା କହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ମେୟରଙ୍କ ପିଟିଶନ ଖାରଜ

#### ପୋଲିସ ବିରୋଧରେ ମାମଲା ରୁଜୁ ହେବନି

ବ୍ରହ୍ମପୁର ଅଫିସ,୫।୫-ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ଅଟକ ରଖି ୮୦ ହଜାର ଟଙ୍କା ନେଇଯିବା ସହ ମିଥ୍ୟା ମାମଲା ରୁଜୁ ଧମକ ମାମଲାକୁ ନେଇ ଦାଖଲ ପିଟିଶନର ଶୁକ୍ରବାର ଶୁଣାଣି ହୋଇଛି। ଦୀର୍ଘ ୭ବର୍ଷ ପରେ ହାଇକୋର୍ଟ ତାଙ୍କର ରାୟ ଦେଇଛନ୍ତି। ଚାରିଜଣ ପୋଲିସ ଅଧିକାରୀଙ୍କ ବିରୋଧରେ ମକଦ୍ଦମା ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଜଷ୍ଟିସ୍ ଆର୍.କେ. ପଟ୍ଟନାୟକ ରାୟ ଦେଇଛନ୍ତି। ୨୦୧୫ରେ ତତ୍କାଳୀନ ଗୋଳନ୍ଥରା ଥାନା ଆଇଆଇସି ଆଲୋକ କୁମାର ଜେନା, ଗୋସାଇଁନୂଆଗାଁ ଥାନା ଆଇଆଇସି ମମତା ନାୟକ, ଇନ୍ସପେକ୍ଟର ରମେଶ ଚନ୍ଦ୍ର ଦାଶ ଓ ଦୁଷ୍ମନ୍ତ କୁମାର ପ୍ରଧାନଙ୍କ ବିରୋଧରେ ଏହି ଅଭିଯୋଗ ହୋଇଥିଲା। ଆଇନଜୀବୀ ପୀତବାସ ପଣ୍ଡାଙ୍କ ସୂଚନା ପ୍ରକାରେ, ୨୦୧୫ ଫେବୃୟାରୀରେ ପୂର୍ବତନ ମେୟର ପିଣ୍ଟୁ ଓ ତାଙ୍କର କେତେକ ବନ୍ଧୁ ବିଶାଖାପାଟଣାରୁ ବ୍ରହ୍ମପୁର ଫେରୁଥିଲେ। ଗୋଳନ୍ଥରା ନିକଟରେ ଉପରୋକ୍ତ ପୋଲିସ ଅଧିକାରୀମାନେ ସେମାନଙ୍କୁ ଅଟକାଇବା ସହ ଗାଡ଼ିରେ ଥିବା ୮୦ହଜାର ଟଙ୍କା ନେଇ ଯାଇଥିଲେ। ତାଙ୍କୁ ଅଧିକ ୫ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ ଏବଂ ଟଙ୍କା ନ ଦେଲେ ମିଥ୍ୟା ମାମଲା ରୁଜୁ କରିବାକୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଗୋସାଇଁନୂଆଗାଁ ଥାନାର ଏକ ପୁରୁଣା ମାମଲା ନମ୍ବର ୬୭/୨୦୧୪ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାକୁ ନେଇ ସେ ୨୦୧୫ ଫେବୃୟାରୀ ୨୬ରେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ଓ୍ୱାନସିସି ନଂ ୪୨୦/୨୦୧୫ରେ ମାମଲା ରୁଜୁ କରିଥିଲେ। ମାମଲାକୁ ବିଚାରକୁ ନେଇ ଉପରୋକ୍ତ ଚାରିଜଣ ପୋଲିସ ଅଧିକାରୀଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ରେ ପୋଲିସ ଅଧିକାରୀମାନେ ଆଇନଜୀବୀ ପୀତବାସ ପଣ୍ଡା ଓ ହାଇକୋର୍ଟ ଆଇନଜୀବୀ ଦୀପାଳି ମହାପାତ୍ରଙ୍କ ଜରିଆରେ ଏସ୍‌ଡିଜେଏମ୍‌ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସିଆର୍‌ଏଲ୍‌ଏମସି ୩୦୭୩/୧୯ରେ ହାଇକୋର୍ଟରେ ମାମଲାର ବିଚାର ଚାଲିଥିଲା। ସେକ୍ସନ୍ ୪୮୨ରେ ପୋଲିସ ଅଧିକାରୀମାନେ ଏହି ମାମଲାକୁ ଖାରଜ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ।

### ଅତିଥି ଭବନ କକ୍ଷରୁ ଯୁବ ଇଞ୍ଜିନିୟରଙ୍କ ମୃତଦେହ ଜବତ

ପାରାଦୀପ,୫।୫(ସ୍ୱ.ପ୍ର.)- ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁର ତାରିଣୀଗଡା ଅଞ୍ଚଳର ଏକ ଘରୋଇ ଅତିଥି ଭବନ କକ୍ଷର ପଙ୍ଖାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତାପସ ପ୍ରସାଦ ଆଚାରୀ (୩୧)। ତାଙ୍କ ଘର ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପନ୍ଧିଆପଥର ଗ୍ରାମରେ। ପୋଲିସ ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଖବରପାଇ ପରିବାର ଲୋକେ ପାରାଦୀପ ଅଭିମୁଖେ ଆସୁଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ମୃତ ଇଞ୍ଜିନିୟର ତାପସଙ୍କ ନିର୍ବନ୍ଧ ସରିଥିଲା। ଚଳିତ ମାସରେ ବିବାହ କରିବାର ଥିଲା ବୋଲି ଜଣାପଡ଼ିଛି।

# ଚାଷୀ ଗଠନ କରିବେ ନିଜ ସରକାର

**ଫୁଲବାଣୀ ଅଫିସ, ୫।୫:**



ନବନିର୍ମାଣ କୃଷକ ସଂଗଠନ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ନବ ନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୩ ଅକ୍ଷୟ ତୃତୀୟାରୁ ରାଜ୍ୟବ୍ୟାପୀ ଲୋକସମ୍ପର୍କ ଅଭିଯାନ ଆରମ୍ଭ କରିଛି। ଏହାର ଉଦ୍ଦେଶ୍ୟ ରହିଛି ଆମର ଦରକାର ଚାଷୀ ସରକାର। ସଂଗଠନର ଏହି ଲୋକ ସମ୍ପର୍କ ଅଭିଯାନ ଶୁକ୍ରବାର କନ୍ଧମାଳ ଜିଲାରେ ପହଁଚିଛି। ଫୁଲବାଣୀସ୍ଥିତ ବନାନୀ କଳା ସଂସ୍କୃତି ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଚାଷୀ କିପରି ସଂଗଠିତ ହୋଇ ନିଜର ଏକ ରାଜନୈତିକ ଦଳ ତିଆରି କରିବେ, ତାହା ଉପରେ ଆଲୋଚନା ହୋଇଛି । ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ କହିଛନ୍ତି କି ଚାଷୀ ସବୁବେଳେ ସରକାର ବାଛୁଛି। କିନ୍ତୁ ଚାଷୀର ଲକ୍ଷ୍ୟ କି ଉଦ୍ଦେଶ୍ୟ ପୂରଣ ହୋଇପାରୁନି। ଏହାର ଅର୍ଥ ଚାଷୀ ସଂଗଠିତ ହେଉନାହାନ୍ତି। ଚାଷୀଙ୍କର ନିଜସ୍ୱ ମେରୁଦଣ୍ଡ ରାଜନୈତିକ ଦଳ ନାହିଁ। ଯାହା ଫଳରେ ଚାଷୀଙ୍କୁ କେଉଁ ସରକାର ପଚାରୁ ନାହାନ୍ତି କି ସମ୍ମାନ ପ୍ରଦର୍ଶନ କରୁନାହାନ୍ତି । ଆମେ ଚାଷୀଙ୍କ ପାଇଁ ପ୍ରାଇସ, ପ୍ରେଷ୍ଟିଜ, ପେନସନ ପାଇଁ ଲଢ଼େଇ କରିଆସିଛୁ । ଏଥର 'ଆମର ଦରକାର ଚାଷୀ ସରକାର' ଯୋଡ଼ିଛୁ। ପ୍ରତ୍ୟେକ ଗ୍ରାମକୁ ଯାଇ ଚାଷୀଙ୍କୁ ସଂଗଠିତ କରାଯିବ । ଚାଷୀଙ୍କୁ ସେମାନଙ୍କ ହକ୍ ବିଷୟରେ ଅବଗତ କରାଯିବ । ଚାଷୀ ସେହିଠାରୁ ନିଜର ନେତୃତ୍ୱ ବାଛିବେ । ଯିଏ ନିର୍ବାଚନରେ ଲଢ଼ି ଜିତିବେ । ଚାଷୀର ନିଜର ସରକାର ଗଢ଼ାହେବ ବୋଲି କହିଛନ୍ତି। ସେହିପରି ଆମେ ସବୁଠି ଚାଷୀ ମୂଲିଆ ଓ ଆଦିବାସୀଙ୍କ ଭିତରେ ଆତ୍ମବିଶ୍ୱାସର ଭାବନା ଜାଗ୍ରତ କରୁଛୁ । ଆଜି ଯେଉଁ ଅତ୍ୟାଚାର ଓ ଶୋଷଣ କରାଯାଉଛି ତାହାର ମୂଳରେ ଭୁଲ ଭୋଟ ଦାନ ରହିଛି। ଚାଷୀଙ୍କୁ କେହି କେତେବେଳେ ପଚାରି ନାହାନ୍ତି। ସମୟ ଆସିଛି ଆମେ ଚାଷୀ ଏକ ହେବା । ନିଜର ନେତୃତ୍ୱ ନିଜେ ନେବା ସହ ସରକାର ଗଢ଼ିବା ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହ ସଂଯୋଜକ ନିମାଁଇ ରାୟ, ଉମାକାନ୍ତ ଭରତ, ଯୁବ ସଂଯୋଜକ ମନୱର ଅଲ୍ଲି, ରାଜ୍ୟ କମିଟି ସଦସ୍ୟ ଦେବୀପ୍ରସାଦ ମହାରଣା, ଅଶୋକ ପରିଡା, ଭାଗିରାମ ଦିଗାଲ, ଶ୍ୟାମସୁନ୍ଦର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ମାଣ କୃଷକ ସଂଗଠନର ବୈଠକ

**ଭଞ୍ଜନଗର,୫।୫(ଡି.ଏନ୍.ଏ)**

ଓଡ଼ିଶା ନବର୍ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଲୋକ ସମ୍ପର୍କ ଅଭିଯାନ ଚାଲିଛି। ଶୁକ୍ରବାର ଭଞ୍ଜନଗର ଓକିଲ ସଂଘ ପାଠାଗାର ପରିସରରେ ଆଇନଜୀବୀ ଗୋପାଳ କୃଷ୍ଣ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ଏମ୍‌ଏସ୍‌ପି ଲାଗୁ କରିବା, ସୁରକ୍ଷା ଭତ୍ତା ଧାରା-୨୧ ଲାଗୁକରିବା, ଚାଷୀ ଦଳ ଗଠନ ସହ ଅନ୍ୟାନ୍ୟ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ନିମାୟ ରାୟ, ରାଜ୍ୟ କମିଟି ସଦସ୍ୟ ଡ଼ କୁଳମଣି, ସଙ୍ଗଠନର ରାଜ୍ୟ ଯୁବ ସଂଯୋଜକ ମନୋହର ଅଲ୍ଲୀ, ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ ବିଚିତ୍ରାନନ୍ଦ ମୁନି, ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକ, ଭଞ୍ଜନଗର ଓକିଲ ସଂଘର ସଭାପତି ଅଭିମନ୍ୟୁ ଗୌଡ, ପୂର୍ବତନ ସଭାପତି ସନ୍ତୋଷ କୁମାର ନାୟକ, ବରିଷ୍ଠ ଓକିଲ ଗୋପାଳକୃଷ୍ଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ। ଜମିକୁ ଜଳସେଚନ, ବିହନ ଯୋଗାଣ,ଶୀତଳ ଭଣ୍ଡାର ଠାରୁ ଆରମ୍ଭ କରି ଧାନର ଉଚିତ ମୂଲ୍ୟରେ ବିକ୍ରି ସହ ଅନ୍ୟାନ୍ୟ ସମସ୍ୟା ନେଇ ସଙ୍ଗଠିତ ହେବା ପାଇଁ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ। ସାହିତ୍ୟିକ ଗୋପାଳ ଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦେବୀପ୍ରସାଦ ମହାରଣା ଚାଷୀମାନଙ୍କ ସମସ୍ୟା ଉପରେ ଆଧାରିତ ସାଗତ ସଙ୍ଗୀତ ଗାନ କରିଥିଲେ ।


ସୋରଡା ପ୍ରକାଶ ଚନ୍ଦ୍ର ଉଚ୍ଚ ମାଧମିକ ମହିଳା ବିଦ୍ୟାଳୟରେ ସମ୍ମୁଖରେ ସ୍କାଉଟ୍ ଛାତ୍ରୀମାନେ ଜନସାଧାରଣଙ୍କୁ ପଣା ବଣ୍ଟନ କରୁଛନ୍ତି ।

# କାର୍ଯ୍ୟଦକ୍ଷତା ବୃଦ୍ଧି ତାଲିମ ଶିବିର

**ଫୁଲବାଣୀ ଅଫିସ, ୫।୫:**


ଶିବିରାର୍ଥି ତାଲିମ ନେଉଛନ୍ତି।

ଗ୍ରାମାଞ୍ଚଳର ବିକାଶ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଗ୍ରାମ୍ୟସ୍ତରରେ କାର୍ଯ୍ୟ କରୁଥିବା କ୍ଷେତ୍ର ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ତାଲିମ୍‌ର ଆବଶ୍ୟକତାକୁ ଅନୁଧ୍ୟାନ କରି ସ୍ୱାତୀ ଅନୁଷ୍ଠାନ ତରଫରୁ ଏକ ତିନିଦିନିଆ କାର୍ଯ୍ୟଦକ୍ଷତା ବୃଦ୍ଧି ତାଲିମ୍ ଶିବିର ବନ୍ଧଗଡ ସ୍ଥିତ ସମ୍ବଲ କେନ୍ଦ୍ରଠାରେ ଆରମ୍ଭ ହୋଇଛି। ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତ, ମୃତ୍ୟୁଞ୍ଜୟ ବେହେରା, ମହାଶକ୍ତି ଫାଉଣ୍ଡେଶନର ପରିଚାଳକ ଯୁଗଳ କିଶୋର ପଟ୍ଟନାୟକ ଓ ରୋଜାଲିନ୍ ଭୂୟାଁ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ନିଜର ଦକ୍ଷତାକୁ ବୁଝି ଆନନ୍ଦର ସହ କର୍ମକ୍ଷେତ୍ରରେ ଦାୟିତ୍ୱକୁ ନିର୍ବାହ କରି ଲକ୍ଷ୍ୟ ହାସଲ ଦିଗରେ ଆଗେଇବାକୁ ଆହ୍ୱାନ ଦେଇଥିଲେ । ଫେସିଲିଟେଟର ଭାବେ ପି.ଡି.ସି. ନେଟ୍‌ୱାର୍କର ସୁଧୀର କୁମାର ଦାସ ତିନିଦିନରେ ନୂତନ କର୍ମଚାରୀଙ୍କ ଲୋକସଂପର୍କ ବଢାଇବା, ନେତୃତ୍ୱ ନେବାର ଦକ୍ଷତା ଓ ସର୍ବସାଧାରଣ ସ୍ଥାନରେ ଉପସ୍ଥାପନା ଶୈଳୀର ଦକ୍ଷତା ବୃଦ୍ଧି ଦିଗରେ ଗୁରୁତ୍ୱ ଦେଇଥିଲେ । ପଂଚାୟତର ଶେଷ ପାହାଚରେ ଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କିପରି ଅଭିବୃଦ୍ଧି ଆଣିହେବ, ସେସବୁ କୌଶଳ ମଧ୍ୟ ଏହି ତାଲିମ୍‌ରୁ ଶିକ୍ଷାଲାଭ କରିପାରିବେ । ତାଲିମ୍ କାର୍ଯ୍ୟକ୍ରମକୁ କୋଲକତାର କ୍ରାଏ ଅନୁଷ୍ଠାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ୱାସନ ଓ ସମନ୍ୱିତ କୃଷି ଆଦି ସହଯୋଗୀ ଅନୁଷ୍ଠାନ ସହାୟତା ଯୋଗାଇ ଦେଉଛନ୍ତି । ମା' ଗୃହ, ପ୍ରସବ ଯାନ, ଓଡିଶା ମିଲେଟ ମିଶନ୍, ସମନ୍ୱିତ କୃଷି ଓ ଲକ୍ଷ୍ୟଭେଦୀ ପ୍ରକଳ୍ପ ଗୁଡିକରୁ ୩୦ରୁ ଅଧିକ କର୍ମୀ ଏଥିରେ ସାମିଲ୍ ହୋଇଛନ୍ତି।

# ମା' ବାଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଦିଗପହଣ୍ଡି,୫।୫(ଡି.ଏନ୍.ଏ):**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ଖେଳପଡିଆଠାରେ ଆୟୋଜିତ ମା' ବାଙ୍କେଶରୀ ଦିନିକିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଗୋକର୍ଣ୍ଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅସିତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ଭଗବାନ ବାଡ଼ତ୍ୟା, ବମୋକୋଇ ପଞ୍ଚାୟତ ସରପଞ୍ଚ ତପନ କୁମାର ପ୍ରଧାନ, କଇଠଡା ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ସାମାଜିକ କର୍ମୀ ମନୋଜ ସାହୁ , ନନ୍ଦନ ଦୋରା , ବିକ୍ରମ ସିଂ, ରାଜକିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ୬ ଓଭର ବିଶିଷ୍ଟ ଉଦଘାଟନ ମ୍ୟାଚ ଚିକିଟି ଓ ମହୁରି କାଲୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମହୁରିକାଲୁଆ ଟିମ ବିଜୟୀ ହୋଇଥିଲା। ସେହିପରି ଶେଷ ତଥା ଫାଇନାଲ ମ୍ୟାଚରେ ସାହସପୁର ହାଟପଦା ଓ ମହୁରିକାଲୁଆ କ୍ରିକେଟ ଟିମ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ସାହାସପୁର ହାଟପଦା ଟିମ ୧୧ ରନ୍ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଆୟୋଜକ କ୍ଲବ ସଦସ୍ୟ ଜି. ସତୀଶ ଦୋରା, ଗୋପାଳ ଦୋରା, ପତିତପାବନ ଦାସ, ମାଧବ ରେଡ୍ଡୀ, ବୁଲୁ ଦୋରା, ଜିତେନ୍ଦ୍ର ଦାସ, ରଞ୍ଜନ ଦୋରା, ନରସିଂହ ଦୋରା ସହଯୋଗ କରିଥିଲେ।

# ବନବାସୀ ସେବା ସମିତିର ଜୟନ୍ତୀ ସମାରୋହ


ସମାରୋହରେ ଉପସ୍ଥିତ ଅତିଥି ।

**ବାଲିଗୁଡା,୫।୫(ଡି.ଏନ.ଏ.):**

ବନବାସୀ ସେବା ସମିତିର ୫୨ତମ ଜୟନ୍ତୀ ସମାରୋହ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମତିଥି ବୁଦ୍ଧ ପୂର୍ଣ୍ଣୀମାରେ ପାଳିତ ହୋଇଯାଇଛି । ଏଥିରେ ଅନୁଷ୍ଠାର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡଃ ନାଫିସା ଗୋଗା ଡିଗ୍‌ଡସୁଜା, ପ୍ରତିଷ୍ଠାତା ସମ୍ପାଦକ ଏବଂ ପ୍ରତିଷ୍ଠାତା ଅଧ୍ୟକ୍ଷ ଆଇଏନଇସିସି ଇଣ୍ଡିଆ. ଲାୟା ବିଶାଖାପାଟଣା, ସମ୍ମାନିତ ଅତିଥି ଭାବେ ଡୋନିକ ଡସୁଜା. ପରାମର୍ଶଦାତା ଲାୟା ବିଶାଖାପାଟଣା, ସିର୍ଦ୍ଧାଥ କାର୍ଯ୍ୟନିର୍ବାହୀ ଲାୟା, ବେଣୁଧର ସୁତାର ରାଜ୍ୟମୁଖ୍ୟ ଆଶାକିରଣ ଭୁବନେଶ୍ୱର, ଗୋବିନ୍ଦ ପ୍ରଧାନ ଅଧ୍ୟକ୍ଷ ଏନଏସି ବାଲିଗୁଡା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଏବଂ ବିବରଣୀ ପାଠ କରିଥିଲେ ବନବାସୀ ସେବା ସମିତିର ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା । ସର୍ବଧର୍ମ ପ୍ରାର୍ଥନା, ପ୍ରାରମ୍ଭିକ ଓ ଉଦଯାପନୀ ସଙ୍ଗିତ ଅନୁଷ୍ଠାନର ଛାତ୍ରୀଛାତ୍ର ଗାନ କରିଥିଲେ । ଶେଷରେ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦିବାସୀ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତିଙ୍କୁ ସ୍ୱାଗତ

**ବାଲିଗୁଡା,୫।୫(ଡି.ଏନ.ଏ.):**


ନବ ନିଯୁକ୍ତ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସିଙ୍କ ସଭାପତିତ୍ୱରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପତ୍ର କ୍ରମରେ ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ପ୍ରତ୍ୟୁଷ ରଞ୍ଜନ ଶତପଥୀ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଶତପଥିଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼.ସୁଶାନ୍ତ କୁମାର ଦାସ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ନାକ୍‌ର ସଂଯୋଜକ ତଥା ଓଡ଼ିଆ ବିଭାଗ ଅଧ୍ୟାପକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ଅନ୍ତରୀଣ ଗୁଣବତ୍ତା ସଂଯୋଜକ ବାଣିଜ୍ୟ ବିଭାଗ ମୁଖ୍ୟ ସରୋଜ କୁମାର ପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେବା ସହ କାର୍ଯ୍ୟାଳୟ ଓ ପାଠାଗାରର ସ୍ୱୟଂକ୍ରିୟତା ଉପରେ ନୂତନ ସଭାପତି ନିଜ ଅଭିଭାଷଣ ପ୍ରଦାନ କରିଥିଲେ।

# ପିପୁଲ୍ସ କଲେଜର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ବୁଗୁଡ଼ା,୫।୫(ଡି.ଏନ.ଏ.)**

ବୁଗୁଡା ପିପୁଲ୍ସ କଲେଜର ଗଣିତ ଅଧ୍ୟାପକ ହରିକୃଷ୍ଣ ନାୟକ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ କଲେଜର ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀଗଣ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ରଜନୀ କାନ୍ତ ଦାଶଙ୍କ ଅବସର ଗ୍ରହଣ ପରେ ବରିଷ୍ଠତା ଭିତ୍ତିରେ ଅଧ୍ୟାପକ ହରିକୃଷ୍ଣ ନାୟକ ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହୋଇଛନ୍ତି।



# କାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା


କାଟୁ ରାଜବାଟୀ ଶ୍ରୀଲକ୍ଷ୍ମୀ ନୃସିଂହଙ୍କ ଯାତ୍ରା।

**ହିଞ୍ଜିଳିକାଟୁ, ୫।୫(ଡି.ଏନ୍.ଏ):**

କାଟୁ ରାଜବାଟୀ ଶ୍ରୀଲକ୍ଷ୍ମୀ ନୃସିଂହ ଠାକୁରଙ୍କ ବାର୍ଷିକ ତିନି ଦିନିଆ ଯାତ୍ରା ଗୁରୁବାରଠାରୁ ଆରମ୍ଭ ହୋଇଛି। ଶୁକ୍ରବାର ରଙ୍ଗଣୀ ବାଡ ପକ୍ଷରୁ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ରାଜବାଟୀ ସମ୍ମୁଖ ବାଣପଡିଆରେ ଆତସବାଜି ପ୍ରଦର୍ଶନକୁ ଶହଶହ ଯାତ୍ରାପ୍ରେମୀ ଓ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ଯାତ୍ରା କମିଟି ପକ୍ଷରୁ ଆଲୋକ, ବିଭିନ୍ନ ମେଢ ଓ କଳାକୁଞ୍ଜ ସ୍ଥାପନ କରାଯାଇଛି। ରାଜବାଟୀ ସ୍ଥିତ ମନ୍ଦିର ପକ୍ଷରୁ ପ୍ରଥମ ଦିନ ଯାତ୍ରାକୁ କେଉଟ ବାଡ଼ ପକ୍ଷରୁ ବିଗ୍ରହ ପରିକ୍ରମା ଓ ପୂଜା ଆୟୋଜନ କରାଯାଇଛି। କେଉଟ ବାଡ଼ ଯାତ୍ରା କମିଟି ସଭାପତି ଭୀମସେନ ବେହେରାଙ୍କ ପୌରହିତ୍ୟରେ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ଶୁକ୍ରବାର ରଙ୍ଗଣୀ ବାଡ ଯାତ୍ରା ଅଧିକାରୀ ବଂଶୀଧର ସାହୁଙ୍କ ପରିଚାଳନାରେ ସହର ପରିକ୍ରମା କରାଯାଇଛି। ଯାତ୍ରାରେ ବହୁ ମାନସିକଧାରୀମାନେ ବାଘ, ଡାହାଣୀ ଚିରୁଗୁଣୀ ବେଶରେ ସହର ପରିକ୍ରମା କରିଥିଲେ। ଶିଶୁମାନେ କୃଷ୍ଣ, ବଳରାମ, ରାମ, ସୀତା, ହନୁମାନ, ବାବାଜୀ, କାଚରା, ମେହେନ୍ତର ପ୍ରଭୃତି ବେଶ ଧାରଣ କରିଥିଲେ।

# ବର୍ଷା ଯୋଗୁ ଅଧାବାଟରୁ ଫେରିଗଲେ ଠାକୁରାଣୀ

**ପୁରୁଷୋତ୍ତମପୁର, ୫।୫(ଡି.ଏନ୍.ଏ):**


ମା' ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପଞ୍ଚ ଠାକୁରାଣୀ ଯାତ୍ରାର ଶୁକ୍ରବାର ତୃତୀୟ ଦିବସରେ ଘଟ ପରିକ୍ରମା ହୋଇଛି। ସନ୍ଧ୍ୟାରେ ମା' ପଞ୍ଚ ଠାକୁରାଣୀ କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲ ସୁନ୍ଦରୀଙ୍କ ଘଟକୁ ପରମ୍ପରା ଅନୁସାରେ ପାଞ୍ଚଜଣ ଗୋପାଳ ସମ୍ପ୍ରଦାୟର ପୁରୁଷ ମୁଣ୍ଡାଇ ବଡବଜାର ସ୍ଥିତ ଅସ୍ଥାୟୀ ମନ୍ଦିରରୁ ପୂର୍ବଖଣ୍ଡ ଯଥା ବଜାର, ରାଧାକାନ୍ତ ସାହି, ରଥସାହି, ପୋଲିସ ଥାନା, ପୁରୁଣା ପୋଷ୍ଟ ଅଫିସ ସାହି, ଧୋବାସାହି, କଲେଜ ଛକ, ଅମୁଣିଆ ସାହି ମେଇନରୋଡ ଆଦି ପରିକ୍ରମା କରିବା ଲାଗି ବାହାରିଥିଲେ। ମାତ୍ର ବର୍ଷା ଯୋଗୁ ସମସ୍ତ ସାହିକୁ ମା'ଙ୍କ ଘଟ ପରିକ୍ରମାରେ ଯାଇପାରିନଥିବା ବେଳେ ବଜାରଠାରୁ ଅସ୍ଥାୟୀ ମନ୍ଦିରକୁ ଫେରିଯାଇଛନ୍ତି। ମା'ଙ୍କୁ ଘରପାଖରେ ପାଇ ଜନସାଧାରଣ ଆତ୍ମବିଭୋର ହୋଇ ପୂଜାର୍ଚ୍ଚନା କରିଛନ୍ତି। ଏହାକୁ ଯାତ୍ରା ଅଧିକାରୀ ରମାକାନ୍ତ ଦାଶଙ୍କ ସମେତ ସଭାପତି ରବୀନ୍ଦ୍ର କୁମାର ପାତ୍ର, ସମ୍ପାଦକ ତ୍ରିନାଥ ପଣ୍ଡା, ପୂର୍ବତନ ସଭାପତି ଦୁର୍ଗାଚରଣ ଦାଶ, ସନ୍ତୋଷ କୁମାର ସାହୁ, ପ୍ରହ୍ଲାଦ ସାହୁ, ରବିନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶଙ୍କ ସମେତ କପିଳେଶ୍ୱର ବଣିକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା

ସିଂହପୁର,୫ା୫(ଡି.ଏନ.ଏ.)
ବିଞ୍ଝାରପୁର ମଣ୍ଡଳ ଯାଦବ ମହାସଭା ପକ୍ଷରୁ ଫତେପୁର ପଞ୍ଚାୟତ ଅନ୍ତର୍ଗତ ମଲିଆ ଏଗାରପାଟଣା ଯାଦବ ସମିତି ସଭା କକ୍ଷରେ ମଣ୍ଡଳ ଯାଦବ ସଭାପତି ନାରାୟଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ଓ ମୁଖପାତ୍ର ପଦ୍ମାକର ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଯାଦବ ମହାସଭାର ପ୍ରାକ୍ତନ ସଭାପତି ରବୀନ୍ଦ୍ର ବେହେରା, ବ୍ଲକ ଯାଦବ ମହାସଭା ସମ୍ପାଦକ କଲ୍ୟାଣ ଦାସ, ଶିକ୍ଷାବିତ ସଚ୍ଚିଦାନନ୍ଦ ଗୁରୁ, ନିରଞ୍ଜନ ଦାସ, ଅଶୋକ ଦାସ, ରତ୍ନାକର ମହାକୁଡ଼, ସିଦ୍ଧାର୍ଥ ଗୁରୁ, ସରୋଜ ନାୟକ, ଉତ୍ତମ ଦାସ, ଆଲୋକ ଦାସ ଓ ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଙ୍କୁ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଥିବାରୁ ବିଭିନ୍ନ ଯାଦବ ସମିତି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ରାଜନୈତିକ ଜୀବନ ଉଜ୍ଜ୍ୱଳ ମୟ ହେଉ ବୋଲି ପ୍ରଭୁଙ୍କ ନିକଟରେ କାମନା କରାଯାଇଛି।

### କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସମାରୋହ



ସିଂହପୁର,୫ା୫(ଡି.ଏନ.ଏ.) : ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ ପରିସରରେ ନଳିନୀପ୍ରଭା ଫାଉଣ୍ଡେଶନ ଆନୁକୂଲ୍ୟରେ ହରେକୃଷ୍ଣ ଦାସ ସ୍ମୃତିସମ୍ମାନ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ନଳିନୀପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ମୁଖ୍ୟବକ୍ତା ଗ୍ରନ୍ଥକାର ହରେକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ଗ୍ରନ୍ଥକାର ରବିନାରାୟଣ ସାମଲ, ନାରୀକବି ବିଦ୍ୟୁତ୍‌ଲତା ଦାସ, କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀ, କବୟିତ୍ରୀ ସଂଯୁକ୍ତା ମହାପାତ୍ର, ଅଜୟ ଜେନା ଓ ହରେକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗୀତଜ୍ଞ ଦିନେଶ ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୁନି କଣ୍ଠଶିଳ୍ପୀ ପ୍ରୟେଶ ପଣ୍ଡା ସଂଗୀତ ପରିବେଷଣ ଓ ଅଭିଲିପ୍ସା ରଣା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଓଝା, ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷକ ସଞ୍ଜୟ ସାମଲ, କବି ବଟକୃଷ୍ଣ ପଣ୍ଡା ଓ ସରୋଜ ମଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। କବି ବିନୋଦ ବିହାରୀ ଦାସ ଓ ପ୍ରଦୀପ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ୨୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ଦାସଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ ରବିନାରାୟଣ ସାମଲ ଧନ୍ୟବାଦ ଦେଇଥିଲେ।

# ଗଳିପୋଲକୁ ନେଇ ରାଜନୀତି

## ଭାଜପା ଏମ୍‌ପିଙ୍କୁ ସମ୍ବର୍ଦ୍ଧନା, ଯୋଗଦେଲେ ବିଜେଡି ନେତା

ରସୁଲପୁର,୫ା୫(ଡି.ଏନ୍.ଏ)



ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର ବ୍ଲକର କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାଦଲାପୁର ଛକଠାରେ ଗଳିପୋଲ (ପିୟୁପି) ନିର୍ମାଣକୁ ନେଇ ରାଜନୀତି ଉଷ୍ମ ହୋଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉଦ୍ୟମ କ୍ରମେ ଏହି ଗଳିପୋଲ ହେବାକୁ ଯାଉଥିବାରୁ ଶୁକ୍ରବାର ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରାଜପଥ ପାର୍ଶ୍ୱସ୍ଥ ବାହାଦଲାପୁର ଛକ ନିକଟରେ ଆୟୋଜିତ ହୋଇଯାଇଛି। ଭାଜପା ନାରୀନେତ୍ରୀ ଶ୍ରୀମନ୍ତିନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଜେଡି ଜିଲା ପରିଷଦ ସଦସ୍ୟ (୩୩ ନମ୍ବର) ଶିଶିର କୁମାର ମହାନ୍ତି ଏବଂ ବିଜେଡି ସମର୍ଥିତ ବାହାଦଲାପରୁ ପଞ୍ଚାୟତ ସମିତି ସଭ୍ୟା ମାମି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ପୂର୍ବତନ ଜିଲାପରିଷଦ ସଦସ୍ୟ ବିଜୟ କୁମାର ଦାସ, ଲିଙ୍କନ ଫାର୍ମାସ୍ୟୁଟିକାଲର ଜୋନାଲ ମ୍ୟାନେଜର ଅଭୟ କୁମାର ମହାନ୍ତି, ସମାଜିକ କର୍ମୀ ଇଂ ବିଶ୍ୱଜିତ୍ ମହାନ୍ତି, ଅରୁଣ କୁମାର ସାହୁ, ଲକ୍ଷ୍ମୀଧର ପତି, ପ୍ରଫୁଲ୍ଲ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ଲୋକଙ୍କର କୌଣସି ଦଳ ନାହିଁ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ତାଙ୍କର ଲକ୍ଷ୍ୟ ବୋଲି କହିବା ସହ ଭାଜପା ସରକାର ଓ ଭାରତର ପ୍ରଧାନମନ୍ତ୍ରୀ ଲୋକଙ୍କ ସମସ୍ୟାକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ସେହି ଆଧାରରେ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଏଠାରେ ଏକ ଗଳିପୋଲ କରାଯାଉଛି ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ଲୋକମାନଙ୍କ ସମସ୍ୟାର ସମାଧାନ ବାଟ ଫିଟିପାରିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ। ପ୍ରସ୍ତାବିତ ଗଳିପୋଲ ପାଇଁ ୬.୭୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ରସୁଲପୁର ବ୍ଲକ ସମ୍ମୁଖରେ ଏକ ଗଳିପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏମ୍‌ପି ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଲିଖିତ ଭାବେ ଜଣାଇବାକୁ ପରାମର୍ଶ ଦେଇଛନ୍ତି। ତଦନୁଯାୟୀ ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ରସୁଲପୁର ବ୍ଲକ ବାହାଦଲାପୁର ପଞ୍ଚାୟତର ବାହାଦଲାପୁର, ସରିଫାବାଦ, କମାରପାଳ, ରସୁଲପୁର ପଞ୍ଚାୟତର କେଉଟ ଲଗୁଆଁ, ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ଗୋସାଇଁ ମଠ, ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ଚିନ୍ତାପଲ୍ଲୀ ଗ୍ରାମର ଲୋକଙ୍କ ଯାତାୟାତ ପାଇଁ ଅତଲାପୁର-ବାହାବଳପୁର ପୂର୍ତ୍ତ ବିଭାଗ ରାସ୍ତାକୁ ବ୍ୟବହାର କରିଥାଆନ୍ତି । ଏହି ରାସ୍ତା ରାଜପଥକୁ ବାହାଦଲାପୁର ଛକଠାରେ ସଂଯୋଗ କରୁଛି। ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ୭୬ କି.ମି. ଲମ୍ବ ୧୬ ନମ୍ବର ଜାତୀୟ ରାଜପଥକୁ ୬ଥାକିଆ ରାସ୍ତାରେ ସମ୍ପ୍ରସାରଣ କରାଯାଇଛି। ଏହି ସମୟରେ ଏଠାରେ ଏକ ଗଳିପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଏନେଇ ଲୋକମାନେ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କୁ ଅବଗତ କରାଇଥିଲେ। ବିଧାୟକ ବଳ ଏହାକୁ ଅତି ହାଲୁକା ଭାବରେ ଗ୍ରହଣ କରିବାରୁ ପ୍ରଭାବିତ ଅଞ୍ଚଳର ମୁରବିମାନେ ଭୁବନେଶ୍ୱର ଏମ୍‌ପି ଷଡ଼ଙ୍ଗୀଙ୍କୁ ଭେଟି ଦାବି ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ଗଳିପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଆଲୋଚନା କରିଥିଲେ। ତଦନୁଯାୟୀ ପ୍ରସ୍ତାବିତ ସ୍ଥାନରେ ଏକ ପିୟୁପି(ପେଡେଷ୍ଟେରିଆନ ଅଣ୍ଡର ପାସ୍) କରିବାକୁ ବୈଷୟିକ ମଞ୍ଜୁରୀ ମିଳିଛି ।

ଏ ସମ୍ପର୍କରେ ବିଜେଡି ଜିଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତିଙ୍କୁ ପଚାରିବାରୁ ଏଠାରେ ଦଳ ପ୍ରସଙ୍ଗଠାରୁ ଲୋକଙ୍କ ସମସ୍ୟା ଅତ୍ୟନ୍ତ ସମ୍ବେଦନଶୀଳ। ଉକ୍ତ ସମସ୍ୟା ସମ୍ପର୍କରେ ଲୋକେ ବିଧାୟକଙ୍କୁ ଅବଗତ କରାଇଥିଲେ। ଏ ଦିଗରେ ବିଧାୟକଙ୍କ ପଦକ୍ଷେପ ସନ୍ତୋଷଜନକ ହୋଇ ନ ପାରିବାରୁ ଲୋକେ ଭୁବନେଶ୍ୱର ଏମ୍‌ପିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ମହାନ୍ତି କହିଛନ୍ତି। ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଶ୍ରାବଣୀ ମହାନ୍ତି କହିଛନ୍ତି, ଗଳିପୋଲ ଦାବିକୁ ବିଧାୟକ ଗୁରୁତ୍ୱ ଦେଲେ ନାହିଁ। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଗଲା ହେଲେ ଗଳିପୋଲ ହୋଇପାରିଲା ନାହିଁ। ଏମ୍‌ପି ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହୋଇପାରିଲା ବୋଲି ଶ୍ରାବଣୀ କହିଛନ୍ତି। କୋରେଇ ବିଧାୟକ ବଳଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି। ବୈଷୟିକ ଅନୁମୋଦନ ମିଳିପାରିଲେ ଗଳିପୋଲ ନିର୍ମାଣ ସମ୍ଭବ। ତେବେ ଏହାକୁ ନେଇ ଅମୂଳକ ଅଭିଯୋଗ କରାଯାଉଛି । ବିରୋଧୀଙ୍କ ଏଭଳି ପ୍ରୟାସକୁ ଅଦିନିଆ ବର୍ଷା ବୋଲି ସେ ଆଖ୍ୟା ଦେଇଛନ୍ତି।

## ଭାଜପା ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଇସ୍ତଫା



ଜେନାପୁର,୫ା୫(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୧ ନମ୍ବର ଜୋନର ଭାଜପା ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ବିଷ୍ଣୁଚରଣ ସାହୁ ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଯାଜପୁର ଜିଲା ସଭାପତି ଗୌତମ ରାୟଙ୍କୁ ପ୍ରଦାନ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପାରେ ଗଣତାନ୍ତ୍ରିକ ଚିନ୍ତାଧାରା ଅଭାବ ରହିବା ସହ ଦଳର କର୍ମକର୍ତ୍ତା କିଏ କାହାକୁ ସମ୍ମାନ ଦେବା ପାଇଁ ଚାହାନ୍ତିନାହିଁ। ଯେ କୌଣସି ସ୍ଥାନରେ ମନଇଚ୍ଛା ସଭା କରୁଛନ୍ତି ବୋଲି ସାହୁ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ତେବେ ଆଗାମୀ ଦିନର କାର୍ଯ୍ୟାବଳୀ ସମ୍ପର୍କରେ ପଚାରିବାରୁ ଯେଉଁମାନେ ଭୋଟ ଦେଇଥିଲେ ଓ ତାଙ୍କୁ ଭଲପାଆନ୍ତି ସେମାନଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଗ୍ରାମବାସୀ ମଙ୍ଗଳପୁର-ଯାଜପୁର ମୁଖ୍ୟ ରାସ୍ତାର କାଟିଆପୀର ଛକଠାରେ ରାସ୍ତା ଅବରୋଧ କରିଛନ୍ତି।

## ଶାଶୁଘରେ ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

ଦଶରଥପୁର,୫ା୫(ଡି.ଏନ୍.ଏ.)

ବିବାହର ମାତ୍ର ୨ ମାସ ପରେ ଶାଶୁଘରେ ଝିଅର ସନ୍ଦେହଜନକ ମୃତ୍ୟୁକୁ ନେଇ ତାଙ୍କ ବାପା ଗୁରୁବାରଠାରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତୀ ଅବଲମ୍ବନ କରୁଛି। ତେଣୁ ବାଧହୋଇ ଝିଅଘର ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ କଟକ ବଡ ଡାକ୍ତରଖାନାରୁ ଆସିଥିବା ମୃତଦେହ ଓ ଆମ୍ବୁଲାନ୍ସକୁ ଅଟକ ରଖି ମଙ୍ଗଳପୁର-ଯାଜପୁର ମୁଖ୍ୟ ରାସ୍ତାର କାଟିଆପୀର ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ମଙ୍ଗଳପୁର ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା।

ସୂଚନା ଅନୁଯାୟୀ, ଗୋପାଳପୁର ପଞ୍ଚାୟତ ମେର୍ଦ୍ଧାଗ୍ରାମର ମାନଗୋବିନ୍ଦ ଜେନା ତାଙ୍କ ଝିଅ ରେଖାଞ୍ଜଳିଙ୍କୁ କନିକାପଡା ପଞ୍ଚାୟତ ଦିହୁଡିସାହି ଗ୍ରାମର ଧନେଶ୍ୱର ଜେନାଙ୍କ ପୁତ୍ର ରଞ୍ଜନଙ୍କ ସହିତ ଗତ ଫେବୃୟାରୀ ୨୪ ତାରିଖରେ ବିବାହ ଦେଇଥିଲେ। ଏହାପରେ ବିଭିନ୍ନ ସମୟରେ ରେଖାଞ୍ଜଳିଙ୍କୁ ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦିଆଯାଇଥିଲା। ଫଳରେ ବାଧହୋଇ ମାନଗୋବିନ୍ଦ ରେଖାଞ୍ଜଳିଙ୍କୁ ଗତ ମାସ ୨୧ ତାରିଖରେ ନିଜ ଘରକୁ ନେଇ ଆସିଥିଲେ। ଏହାପରେ ୨୯ ତାରିଖରେ ରେଖାଞ୍ଜଳିଙ୍କ ସ୍ୱାମୀ ପହଞ୍ଚି ତାଙ୍କୁ ବୁଝାଶୁଝା କରି ଘରକୁ ନେଇଥିଲେ। ମାତ୍ର ଗତ ୧ ତାରିଖରେ ଝିଅ ଅସୁସ୍ଥ ଥିବା କୌଣସି ସୂତ୍ରରୁ ଖବର ପାଇ ମାନଗୋବିନ୍ଦ କଟକ ବଡ ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଝିଅଙ୍କ ଅବସ୍ଥା ଗୁରୁତର ଥିବାର ଦେଖିବାକୁ ପାଇଥିଲେ। ମାତ୍ର ବୁଧବାର ଅପରାହ୍ନ ୨ଟା୪୦ରେ ଝିଅଙ୍କ ମୃତ୍ୟୁ ହୋଇଥିବା ଖବର ପାଇଥିଲେ। ପରେ ମାନଗୋବିନ୍ଦ ତାଙ୍କ ଝିଅର ମୃତ୍ୟୁରେ ଶାଶୁଘର ଲୋକଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

## ବିଧାୟକଙ୍କ ଦ୍ୱାରା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବଡ଼ଚଣା,୫ା୫(ଡି.ଏନ୍.ଏ.):** ବୁଦ୍ଧ ଜୟନ୍ତୀ ଅବସରରେ ଶୁକ୍ରବାର ଚଣ୍ଡିଖୋଲଛକସ୍ଥିତ ଭଗବାନ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ମାଲ୍ୟାର୍ପଣ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ଦେବରାଜ ବେହେରା, ପ୍ରଶାନ୍ତ କୁମାର ଜେନା, ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ଅଧ୍ୟକ୍ଷ ସଞ୍ଜୟ କୁମାର ସ୍ୱାଇଁ, ଯୁବନେତା ପ୍ରିୟବ୍ରତ ଖିଲାର, ରଞ୍ଜନ କୁମାର ବାରିକ, ପ୍ରକାଶ ରାଉତ, ମାନଗୋବିନ୍ଦ ସେଠୀ ଓ ବୈକୁଣ୍ଠ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକା ଧାମରାରୁ ଉଦ୍ଧାର

**ରାଜନଗର, ୫ା୫(ଡି.ଏଡ୍.ଏ.):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ନିଖୋଜ ଥିବା ୧୬ ବର୍ଷୀୟା ନାବାଳିକାଙ୍କୁ ଶୁକ୍ରବାର ପୋଲିସ ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଉଦ୍ଧାର କରିଛି। ପୋଲିସ ନାବାଳିକାଙ୍କୁ ନେଇ ପ୍ରଥମେ ଡାକ୍ତରୀ ମାଇନା କରିବା ପରେ ରାଜନଗର ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଇଥିଲା। ଥାନା ଅଞ୍ଚଳରେ ଏପ୍ରିଲ ୩୦ ତାରିଖ ରାତ୍ରିରେ ନାବାଳିକା ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ୧ ତାରିଖରେ ପରିବାର ଲୋକେ ଅଭିଯୋଗ କରିଥିଲେ।

## ବୁଦ୍ଧ ଜୟନ୍ତୀ, ବଜ୍ରଗିରି ପତ୍ରିକା ଉନ୍ମୋଚିତ



ବୁଦ୍ଧ ଜୟନ୍ତୀ ଅବସରରେ ଅତିଥି ବଜ୍ରଗିରି ପତ୍ରିକା ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୫ା୫ (ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ ଅଧୀନ କୋଟପୁର ନିକଟସ୍ଥ ବଜ୍ରଗିରି ବିଦ୍ୟାଳୟ ପରିସରରେ ଶୁକ୍ରବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ରବୀନ୍ଦ୍ର କୁମାର ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଅଧାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ବୁଦ୍ଧଙ୍କ ନୀତି ଓ ସମାଜ ପ୍ରତି ଥିବା ତାଙ୍କ ବାର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଦଶୀ ସେଠୀ, ଲକ୍ଷ୍ମୀକାନ୍ତ ବେହେରା, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଂପାଦକ ଲଛମନ ରାଉତ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ଦେଇଥିଲେ। ଗୋଲକ ପଲେଇ, ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ ଓ କୈଳାସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ଅତିଥି ମୁଖପତ୍ର ବଜ୍ରଗିରି ପତ୍ରିକାର ଶୁଭ ଉନ୍ମୋଚନ କରିଥିଲେ। ଅସୀମ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବୁଦ୍ଧ ଜୟନ୍ତୀ

ଚଣ୍ଡିଖୋଲ,୫ା୫(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଗୁରୁବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଭାତ ଫେରି କରି ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଯାଇ ୧୦୮ କଳସରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ସ୍ନାନ କରାଇଥିଲେ। ବୁଦ୍ଧଙ୍କ ୨୫୬୭ ତମ ଜନ୍ମତିଥି ଅବସରରେ ଭୋଗ ଲାଗି ଓ ସୁଜାତା କ୍ଷୀରି ଅର୍ପଣ କରାଯାଇଥିଲା। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରେ ପ୍ରଥମେ ତଥାଗତ ବୁଦ୍ଧ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କ ଆଦର୍ଶ ଓ ବାର୍ତ୍ତା ଆଜିର ସମାଜ ପାଇଁ ଅପରିହାର୍ଯ୍ୟ ବୋଲି ସେ କହିଥିଲେ।

ପ୍ରାର୍ଥନା ସଭାରେ ବୁଦ୍ଧଙ୍କ ବାଣୀ ଗାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ବୁଦ୍ଧ ମହୋତ୍ସବ ଆବାହକ ମହେଶ୍ୱର ବଳ, ସରପଞ୍ଚ କିଶୋର କୁମାର ବେହୁରା, ପୂର୍ବତନ ସରପଞ୍ଚ ଗଗନ ବିହାରୀ ସ୍ୱାଇଁ, ତାପସ ରାୟ, ଫନୀନ୍ଦ୍ର ପଣ୍ଡା, ଶ୍ରୀକାନ୍ତ କୁମାର ସାମଲ, ହିମାଂଶୁ ଦେଓ, ଉମାକାନ୍ତ ବଳ, ମଦନ ମୋହନ ଶାନ୍ତି ଓ ଅନନ୍ତ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁମା ବରଦା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷାଶ୍ରମ ପରିସରରେ ଅନନ୍ଦମ ଫାଉଣ୍ଡେଶନ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।



ବୁଦ୍ଧ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ରଜ ମହୋତ୍ସବ ପ୍ରତିଯୋଗିତା ଶୁଭାରମ୍ଭ




ପ୍ରତିଯୋଗିତା ଶୁଭାରମ୍ଭରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଧର୍ମଶାଳା/ଜେନାପୁର, ୫ା୫ (ଡି.ଏନ.ଏ.)

ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ ମର୍ଜିତାପୁରଠାରେ ବିଜୁ ମହିଳା ଜନତା ଦଳ ତରଫରୁ ଶୁକ୍ରବାର ରଜ ମହୋତ୍ସବ-୨୦୨୩ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ବିଜେଡି ସଭାନେତ୍ରୀ ରେଣୁବାଳା ଶତପଥୀ ସଭାପତିତ୍ୱ କରିଥିବାବେଳେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ କବାଟବନ୍ଧ, ମଧୁସୂଦନପୁର ଓ ମର୍ଜିତାପୁର ଏହି ୩ ପଞ୍ଚାୟତରୁ ୧୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବକ୍ତୃତାରେ ୧୮ ମହିଳା, ଶଙ୍ଖଧ୍ୱନିରେ ୪୫ ମହିଳା, ହୁଳହୁଳିରେ ୫୪ ମହିଳା ଓ ସଙ୍ଗୀତ ପାଇଁ ୨୭ ମହିଳା ଅଂଶଗ୍ରଣ କରିଥିଲେ। ସେଥିମଧ୍ୟରୁ ୪ ଇଭେଣ୍ଟରୁ ୪ଜଣ ଲେଖାଏ ପ୍ରତ୍ୟେକ ପଞ୍ଚାୟତରୁ ୧୬ ମହିଳାଙ୍କୁ ମନୋନୀତ କରାଯାଇଥିଲା।

୩ ପଞ୍ଚାୟତର ୪୮ଜଣ ମହିଳାଙ୍କୁ ସିଲେକସନ କରାଯିବା ପରେ ସେମାନେ ଜୋନସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରୁ ଯେଉଁମାନେ ସିଲେକସନ ହେବେ ସେମାନେ ବ୍ଲକସ୍ତରରେ ଭାଗନେଇ ପ୍ରତିଯୋଗିତାରେ ସଫଳ ହେଲା ପରେ ରଜ ମହୋତ୍ସବରେ ପୁରସ୍କାର ପାଇବା ପାଇଁ ବିବେଚିତ ହେବେ। ଏହି ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ବିଜେଡି ନେତା ରମେଶ ଚନ୍ଦ୍ର ପରିଡ଼ା, ଜିଲା ମହିଳା ବିଜେଡି ଉପସଭାନେତ୍ରୀ ମିନତି ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳମଣି ଦାସ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ ଓ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ନାବାଳିକା ଧାମରାରୁ ଉଦ୍ଧାର

ରାଜନଗର, ୫।୫(ଡି.ଏଡ଼.ଏ.): ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ନିଖୋଜ ଥିବା ୧୬ ବର୍ଷୀୟା ନାବାଳିକାଙ୍କୁ ଶୁକ୍ରବାର ପୋଲିସ ଭଦ୍ରକ ଜିଲାର ଧାମରା ଅଞ୍ଚଳରୁ ଉଦ୍ଧାର କରିଛି। ପୋଲିସ ନାବାଳିକାଙ୍କୁ ନେଇ ପ୍ରଥମେ ଡାକ୍ତରୀ ମାଇନା କରିବା ପରେ ରାଜନଗର ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଇ ଥିଲେ। ଥାନା ଅଞ୍ଚଳରେ ଏପ୍ରିଲ ୩୦ ତାରିଖ ବିଳମ୍ବିତ ରାତ୍ରିରେ ନାବାଳିକା ଜଣକ ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ୧ ତାରିଖରେ ଲିଖିତ ଅଭିଯୋଗ ପରିବାର ଲୋକ କରିଥିଲେ। ଅଭିଯୋଗ ଅନୁଯାୟୀ, ଥାନାରେ ନଂ. ୬୨/୨୩ ରେ ମାମଲା ରୁଜୁ ହୋଇଥିଲା। ଆଇଆଇସି ଅନାମ ଚରଣ ନାୟକ ସଦଳବଳ ଧାମରା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି।

### ରାଜକନିକାରେ ନୂତନ ସିଡିପିଓଙ୍କ ଯୋଗଦାନ

ରାଜକନିକା,୫।୫(ଡି.ଏନ୍.ଏ.): କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ନୂତନ ସିଡିପିଓ ଭାବେ ମିଲିମା ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ଏହି ଦାୟିତ୍ୱରେ ଥିବାଳ ସତ୍ୟଭାମା ମାହୁନ୍ତଙ୍କ ଅନ୍ୟତ୍ର ବଦଳି ହେବା ପରେ ପଣ୍ଡା ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ସିଡିପିଓ ଭଳି ଗୁରୁଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିବେ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପଣ୍ଡା ଗଞ୍ଜାମ ଜିଲାର ଜଗନ୍ନାଥ ପ୍ରସାଦ ବ୍ଲକରେ ସିଡିପିଓ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

### ସଂସାରଫଳ ମା' ଗଛମଙ୍ଗଳା ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୫।୫(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ମା' ଗଛ ମଙ୍ଗଳାଙ୍କ ୧୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୭ ଦିନ ବ୍ୟାପୀ ମା'ଙ୍କ ଷୋଡଶ ଉପଚାର ପୂଜା, ଭାଗବତ ପଠନ, ପ୍ରବଚନ ଓ ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପ୍ରକାଶ ଶତପଥୀ, ଚିତ୍ତରଞ୍ଜନ ପଣ୍ଡା ଭାଗବତ ପାରାୟଣ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ନିମପୁର ଶାସନ ଅଞ୍ଚଳର ପ୍ରେମାନନ୍ଦ ପଣ୍ଡା ଓ ସଂକୃପା ଅଞ୍ଚଳର ପଣ୍ଡିତ ଧ୍ରୁବ ରଥ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଦେଇଥିଲେ। ସଂସାରଫଳ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଜାଗାକୁ ପ୍ଲଟିଂ କରି ବିକ୍ରି

ପଟ୍ଟାମୁଣ୍ଡାଇ, ୫।୫(ସ୍ୱ.ପ୍ର.)

- ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉନାହିଁ
- ନୋଟିସ୍ ପରେ ବି ଫଳ ଶୂନ
- ପଟ୍ଟାମୁଣ୍ଡାଇ ତହସିଲ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳ ଏବେ ଜବରଦଖଲକାରୀଙ୍କର ଭୂସ୍ୱର୍ଗ ପାଲଟିଛି। ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳରେ ଥିବା ସରକାରୀ ଜାଗାଗୁଡ଼ିକ ପ୍ରଭାବଶାଳୀ ବ୍ୟକ୍ତିମାନେ ଅକ୍ତିଆର କରି ତାକୁ ପ୍ଲଟିଂ କରି ନିରୀହ ଲୋକଙ୍କୁ ବିକ୍ରି କରୁଛନ୍ତି। ଫଳରେ ନିରୀହ ଲୋକେ ସେମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବାବେଳେ ପ୍ରଶାସନର ନୀରବତାକୁ ନେଇ ଗାଁ ଗାଁ, ସାହି ସାହି ଏବଂ ବ୍ୟକ୍ତିଗତ ଭାବେ ଗଣ୍ଡଗୋଳ ଘଟି ହଣା କଟା ହୋଇ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଜବରଦଖଲ ଘଟଣା ପୋଲିସ ପାଇଁ ଅଯଥା ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ତହସିଲ ପ୍ରଶାସନ ସବୁ ଜାଣି ନୀରବ ରହୁଥିବା ଯୋଗୁ ଜବରଦଖଲକାରୀମାନେ ଜୋର ଯା'ର ମୁଲକ ତା'ର ନ୍ୟାୟରେ ସେମାନଙ୍କ କାର୍ଯ୍ୟ ଚାଲୁ ରଖିଛନ୍ତି। ପ୍ରତି ଗ୍ରାମରେ ଜବରଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ତହସିଲ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ସ୍ଥାଣୁତା ସୃଷ୍ଟି ହେଉଥିବା ବେଳେ ସରକାରୀ ଜାଗାକୁ କିସମ ପରିବର୍ତ୍ତନ କରି ବିକ୍ରି ହେଉଥିବା ଅଭିଯୋଗ ହେଉଛି।



ଗୋବରୀ ନଦୀକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି।

ପଟ୍ଟାମୁଣ୍ଡାଇ ତହସିଲର ବାଛରା ପଞ୍ଚାୟତ ବାଛରା ଗାଁର ଖାତା ନଂ. ୩୭୨, ପ୍ଲଟ ନଂ. ୨୬୭ର ୬ ଡିସିମିଲ ଗୋଚର ଜମିକୁ ଜଣେ ବ୍ୟକ୍ତି ବେଆଇନ ଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ସେହିପରି କାକୁଡ଼ିପଲ୍ଲୀ ମୌଜା କେନାଲ ପାଖ ଜଳସମ୍ପଦ ବିଭାଗ ସାବକ ଖାତା ନଂ.୧୫, ପ୍ଲଟ ନଂ. ୩୫ ସମୁଦାୟ ୯୪ ଡିସିମିଲ ଓ ସାବକ ଖାତା ନଂ. ୩, ପ୍ଲଟ ନଂ.୨୩୫ ଏରିଆ ୯୯ ଡିସିମିଲ ଜାଗାରୁ ପ୍ରାୟ ୬୬ ଡିସିମିଲ ଜାଗାକୁ ଜଣେ ବ୍ୟକ୍ତିଙ୍କ ନାମରେ କରି ଦିଆଯାଇଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ମଧ୍ୟ ନେଇଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଚିଠି ନଂ. ୪୨୦, ୨୦।୭।୨୦୨୨ରେ ସାବିକ ଟ୍ରେଡ ଓ ଟ୍ରେସ୍ ମ୍ୟାପ ସଲଗ୍ନ ତହସିଲଦାରଙ୍କୁ ଚିଠି କରିଥିଲେ। ମାତ୍ର ତହସିଲଦାର କୌଣସି ପଦକ୍ଷେପ ନ ନେବାରୁ ଜଳସମ୍ପଦ ବିଭାଗ ଉପରିସ୍ଥ ଅଧିକାରୀ କେନ୍ଦ୍ରାପଡ଼ାଙ୍କୁ ଅବଗତ କରାଇବା ସହ ଚିଠି ନଂ. ୫୨୩, ୮।୯।୨୦୨୨ରେ ତହସିଲଦାରଙ୍କୁ ଡିମାରକେଶନ ପାଇଁ ଚିଠି କରିଥିଲେ। ମାତ୍ର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିଲା ନାହିଁ। ସେହିପରି ଗୋବାରୀ ନଦୀ ଜାଗା କିସମ ପରିବର୍ତ୍ତନ ହୋଇ ସମ୍ପୃକ୍ତ ଜାଗାକୁ ପ୍ଲଟିଂ କରି ନିରୀହ ଲୋକମାନଙ୍କୁ ବିକ୍ରି କରି ଶୋଷଣ କରାଯାଉଛି। ଅଭିଯୋଗ ପରେ ତହସିଲଦାର ଧାରା ୬ (୧) ନିୟମ ୯(କ) ଅନୁସାରେ 'ଖ' ଫର୍ମ ନୋଟିସ ପଠାଇଥିଲେ। ଏହି ନୋଟିସ ଅନୁସାରେ ଜବରଦଖଲକାରୀଙ୍କୁ ଉକ୍ତ ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ୩୦ ଦିନ ସମୟ ଦିଆଯାଇଥିଲା। ନିୟମ ଅନୁସାରେ ଜବରଦଖଲକାରୀ ନିଜେ ସମ୍ପୃକ୍ତ ଜାଗାକୁ ଖାଲି ନ କଲେ ଆଇନ ଅନୁଯାୟୀ ଘରଠାରୁ ଆରମ୍ଭ କରି ସମସ୍ତ ଜିନିଷ ଶସ୍ୟ ଏବଂ ଅନ୍ୟ ଫସଲ ବାଜ୍ୟାପ୍ତି କରାଯିବ ବୋଲି ତାଗିଦ କରାଯାଇଥିଲା। ମାତ୍ର ତାହା ଧାର୍ଯ୍ୟ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ସମ୍ପୃକ୍ତ ଜବରଦଖଲକାରୀ ଉକ୍ତ ଜାଗାକୁ ଦଖଲ ମୁକ୍ତ କରିବା ପରିବର୍ତ୍ତେ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ବେଖାତିର କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ତଦନ୍ତସାପେକ୍ଷ ବୋଲି ଆଇନଜୀବୀ କ୍ଷୀରୋଦ ପ୍ରଧାନ, ପ୍ରମୋଦ ସାହୁ, ସାମାଜିକ କର୍ମୀ ଦେବାଶିଷ ପଣ୍ଡା, ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ ପ୍ରମୁଖ ଦାବି କରିଛନ୍ତି। ତାହାସିଲଦାରଙ୍କର ଅବହେଳା ଏବଂ ଖାମଖିଆଲି ମନୋଭାବ ଯୋଗୁ ସରକାରୀ ନିୟମ ଅନୁସାରେ ସମସ୍ତ ନୋଟିସ୍ କରାଯିବା ପରେ ଯଦି ସମ୍ପୃକ୍ତ ଜାଗାରୁ ଉଚ୍ଛେଦ କରା ନ ଯାଏ ତାହା ହେଲେ ଜବରଦଖଲକାରୀମାନେ ଡରିବେ କାହିଁକି ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ରହିଛି, ସମୟକ୍ରମେ ଏହି ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ

କେନ୍ଦ୍ରାପଡ଼ା ଅଫିସ, ୫।୫

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ଗଜ ଉଦ୍ଧାରଣ ବେଶ ଶୁକ୍ରବାର ହୋଇଯାଇଛି। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦେଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷାବଳ ମୁତୟନ କରାଯାଇଛି। ପ୍ରତିବର୍ଷ ବୈଶାଖ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଧୋପଖାଳ, ନୀତିସ୍ନାନ, ମଙ୍ଗଳ ଆଳତି ଆଦି ପାରମ୍ପରିକ ରୀତିନୀତି ପରେ ପଣା ପଖାଳ ଭୋଗ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା।

ଶ୍ରୀଜୀଉଙ୍କ ରତ୍ନବେଦୀ ତଳେ ଗଜରାଜ ଓ ଏକ କୁମ୍ଭୀର ପ୍ରତିମା ରଖା ଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ପର୍କରେ ସେବାୟତ ଶଶିକାନ୍ତ ସୁଆର କହିଛନ୍ତି,



ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ।

ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ସହ ଗତ ଅକ୍ଷୟ ତୃତୀୟାରୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଚାପ ଖେଳୁଛନ୍ତି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ପରିଲକ୍ଷିତ ହେଉଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ପଟ୍ଟାମୁଣ୍ଡାଇ,୫।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ମୂଳବସନ୍ତ ଛକରେ ବାଇକ୍ ଦୁର୍ଘଟଣାରେ ଗୁରୁବାର ରାତ୍ରିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାତି ପ୍ରାୟ ସାଢେ ୧୧ଟାରେ କେନ୍ଦ୍ରାପଡ଼ାକୁ ବାଇକ୍ ଯୋଗେ ଯାଉଥିବା ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ଅଣ୍ଡରା ଗାଁର ଅରୁଣ ମଲ୍ଲିକ (୨୬) ଓ ଅଭିଷେକ ମଲ୍ଲିକ ଯାଉଥିବାବେଳେ ରାସ୍ତାପାର୍ଶ୍ୱ ବାରକେଡରେ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇ ଯାଇଥିଲେ। ଫଳରେ ଉଭୟେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ବାଇକ୍ ଚଳାଉଥିବା ଅରୁଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। ପଛରେ ବସିଥିବା ଅଭିଷେକ ଦୂରକୁ ଛିଟିକା ପଡ଼ିବା ଫଳରେ ତାଙ୍କ ହାତ ଓ ଗୋଡ ଭାଙ୍ଗିଯିବା ସହ ମୁଣ୍ଡ ଫାଟି ଯାଇ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଦାଣ୍ଡିରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ୱାସ୍ଥ୍ୟ ସେବା ଶିବିର

ରାଜନଗର, ୫।୫(ଡି.ଏଡ଼.ଏ.)

ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଦାଣ୍ଡିସ୍ଥିତ କଣସରାଙ୍କ ବିଜେସ୍ଥଳୀଠାରେ ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ଏହି ଉପଲକ୍ଷେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୩ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହାବାଦେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଶିଶୁରୋଗ ବିଶେଷଜ୍ଞ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ଆଶୁତୋଷ ବାରିକ, ଡା. ଶ୍ରେୟା ମଣ୍ଡଳ, ଡା. ଟିଂଟି ମିଶ୍ର, ଡା. ସୁଧାଂଶୁବାଳା ବେହେରା, ଡା. ମନୋରଞ୍ଜନ ବେହେରା, ସୁପରଭାଇଜର ହେମନ୍ତ କୁମାର ମଲିକ, ଫାର୍ମାସିଷ୍ଟ ଯିଶୁଖ୍ରୀଷ୍ଟ ରାଉତ, ସୌମ୍ୟ ରଞ୍ଜନ ବେହେରା, ଆଶ୍ରୀର୍ବାଦ ବେହେରା ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ଚିକିତ୍ସା କରିଥିଲେ। ୫ଦିନ ଧରି ଚାଲିଥିବା ଏହି ଯଜ୍ଞ ଅନୁଷ୍ଠାନରେ ଭଜନ କୀର୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ୬୦ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

## ଗୋଚର ଜମି ଜବରଦଖଲ ଅଭିଯୋଗ

ଡେରାବିଶ, ୫।୫ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ତହସିଲ ଅଧୀନ ଇନ୍ଦାଲୋ ପଞ୍ଚାୟତ ଦକ୍ଷିଣପାରି ଗ୍ରାମର ଗୋଚର ଜମିକୁ ଜବରଦଖଲ କରାଯାଇଥିବା ନେଇ ହରିଅଙ୍କ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଆଭିଯୋଗ ହୋଇଛି। ସାଧାରଣତଃ ପ୍ରତି ରାଜସ୍ୱ ଗ୍ରାମର ଆୟତନ ଓ ଜନସଂଖ୍ୟା ଆଧାରରେ ଗୋଚର, ଶ୍ମଶାନ, ଅନାବାଦି ଓ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, ମଠ, ମନ୍ଦିର ପାଇଁ ସ୍ଥାନ ସଂରକ୍ଷିତ ରହିଥାଏ। ହେଲେ କିଛିବର୍ଷ ହେବ ଗ୍ରାମର ଉନ୍ନତି କଳ୍ପେ ସରକାର ଗୋଚର ଜମିକୁ ବ୍ୟବହାର ଓ କେତେଜଣ ବ୍ୟକ୍ତିଙ୍କ ଜବରଦଖଲ ଯୋଗୁ ସରକାରୀ ଜମି ପରିମାଣ ଧୀରେ ଧୀରେ କମି ଆସୁଛି। ଇନ୍ଦାଲୋ ପଞ୍ଚାୟତର ବହୁ ଗୋଚର ଜମି ସରକାରୀ କାର୍ଯ୍ୟରେ ବ୍ୟବହାର ହେବା ପରେ ଦକ୍ଷିଣପାରି ଗାଁର ଖାତା ନଂ.୨୩୧, ପ୍ଲଟ ନଂ.୪୯୯ ଓ ୫୦୦ ପ୍ଲଟ ୨ଟି କିଛି ଅଂଶରେ ୨ବର୍ଷ ପୂର୍ବେ ବେହେରାସାହିକୁ ଯାତାୟାତ ପାଇଁ ସରକାରୀ ଖର୍ଚ୍ଚରେ ରାସ୍ତା ନିର୍ମାଣ କରାଯାଇଛି। ବାକି ଅଂଶରେ ଦକ୍ଷିଣପାରି ଗାଁର ବିଚିତ୍ରାନନ୍ଦ ସାହୁଙ୍କ ପୁଅ ବିଜୟ କୁମାର ସାହୁ ଏବଂ ଶମ୍ଭୁ ବେହେରାଙ୍କ ବଡ଼ ଝିଅ ବାସନ୍ତୀ ସାହୁ ଓ ସାନ ଝିଅ ସୁକାନ୍ତି ବେହେରା ଆମ୍ବ, ପଣସ, ଚାଖୁଣ୍ଡା ଗଛ ପକାଇବା ସହ ଶୌଚାଳୟ ନିର୍ମାଣ କରି ବ୍ୟବହାର କରୁଛନ୍ତି। ପରେ ସେହି ପ୍ଲଟରେ ଥିବା ପୋଖରୀକୁ ପୋତି ବାସଗୃହ ଉପଯୋଗୀ କରିବାକୁ ଟ୍ରାକ୍ଟର ସାହାଯ୍ୟରେ ମାଟି ବୋହୁଛନ୍ତି। ଏହି ମାଟି ପରିବହନ ଦ୍ୱାରା ୨ବର୍ଷ ତଳେ ନିର୍ମିତ ହୋଇଥିବା ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗି ଗଲାଣି। ତେଣୁ ଏହି ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ ଦକ୍ଷିଣପାରି ଗ୍ରାମ ବେହେରାସାହିର କେଶବ ଚନ୍ଦ୍ର ବେହେରା ହରିଅଙ୍କ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସରଜମିନ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି।

## ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଛାତ୍ରୀଛାତ୍ର ଆଗେଇ ଆସନ୍ତୁ

ପଟ୍ଟାମୁଣ୍ଡାଇ,୫।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ନୂଆପଡ଼ା ହାଇସ୍କୁଲ ୨୦୦୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପାର୍ଥସାରଥୀ ଦାସଙ୍କ ପୌରୋହିତ୍ୟ ଓ ବରିଷ୍ଠ ଶିକ୍ଷକ ହେମନ୍ତ ଦାସଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ରତ୍ନାକର ଦାସ, ନୂଆପଡା ହାଇସ୍କୁଲ ଶିକ୍ଷକ ପ୍ରଦୀପ ରାଉତ, ପ୍ରିୟରଞ୍ଜନ ଦାସ, ଜ୍ଞାନ ରଞ୍ଜନ ତ୍ରିପାଠୀ, ସଞ୍ଜୀବ ବିଶ୍ୱାଳ, ବନମାଳୀ କୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଆନନ୍ଦ ନାୟକ, ଅମରେଶ



ନୂଆପଡ଼ା ହାଇସ୍କୁଲରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପରିବାର ସହ ପୁରାତନ ଛାତ୍ରୀଛାତ୍ର ।

ସେଠୀ, ମନୋଜ ପରିଡ଼ା, ନାରାୟଣ ସାହୁ, ପ୍ରଶାନ୍ତ ଓଝା, ରବି ନାରାୟଣ ମଲ୍ଲିକ, କଳ୍ପତରୁ ସାହୁ, ପ୍ରିୟବ୍ରତ ସାହୁ, ତନ୍ମୟ ଓଝା, ସୋମନାଥ ଦାସ, ତପନ ମଲ୍ଲିକ, ସପ୍ନେଶ୍ୱର ମଲିକ, ରୀନାରାଣୀ ସାହୁ, ସ୍ୱର୍ଣ୍ଣଲତା ନାୟକ, ସାଧନା ନାୟକ, ଗୌରପ୍ରିୟା ସେଠୀ, ରନିମା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହ ଏହି ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଶପଥ ନେଇଥିଲେ। ଏଇ ଅବସରରେ ସମସ୍ତ ପୁରାତନ ଓ ନୂତନ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଛାତ୍ରୀଛାତ୍ରମାନେ ପୂଜାର୍ଚ୍ଚନା କରିବା ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂଗୀତଜ୍ଞ ସୁଧାଂଶୁ ଦାସ ଗୁରୁ ବନ୍ଦନା ଗାନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଶେଷରେ ପୁରାତନ ଛାତ୍ର ଅରବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଛାତ୍ରୀଛାତ୍ରଙ୍କ କୃତଜ୍ଞତା

ମାର୍ଶାଘାଇ/ ରାଜନଗର/ ପାଟକୁରା, ୫।୫ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାକୁ ଏପ୍ରିଲ ୨୭, ୨୮ ତାରିଖ ୨ଦିନ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗସ୍ତରେ ଆସି ସମସ୍ତ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଡେରାବିଶର ଜିଲା ସଂସ୍କୃତି ଭବନରେ ଭେଟିଥିଲେ। ସ୍କୁଲ କଲେଜର ଭିତ୍ତିଭୂମି ଉପରେ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷମାନଙ୍କ ସହ ଆଲୋଚନ କରିଥିଲେ। ଅଲୋଚନା ପରେ ୨୯ ତାରିଖରେ ସ୍ପେଶାଲ ପ୍ରୋବେଲ ଫଣ୍ଡରୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରୁ ଜିଲାର ୫୭ଟି ଶିକ୍ଷାନୁଷ୍ଠାନର ଉନ୍ନତୀକରଣ ପାଇଁ ୨୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଏହା ପରେ ଜିଲାର ମାର୍ଶାଘାଇ, ରାଜନଗର ଓ ପାଟକୁରା ବ୍ଲକରେ ଶୁକ୍ରବାର ଭିସି ମାଧ୍ୟମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଅନୁଦାନ ମିଳିଥିବାରୁ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମିଳିଥିବା ଅନୁଦାନରେ ଉଚ୍ଚ ବିଦ୍ୟାଳୟ, ଡିଗ୍ରୀ କଲେଜର ସ୍ମାର୍ଟ କ୍ଲାସରୁମ୍‌ଠାରୁ ଆରମ୍ଭ କରି ଖେଳପଡିଆ, ଲାଇବ୍ରେରୀ, ବିଜ୍ଞାନାଗାରର ବିକାଶ କରାଯିବ। ଅନୁଦାନରେ ଉପଯୁକ୍ତ ବିନିଯୋଗ କରି ସ୍କୁଲ, କଲେଜର କିପରି ରୂପରେଖ ବଦଳିବାରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଭୂମିକା ରହିବ ସେଥିନେଇ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ବର୍ତ୍ତମାନ ଓ କାର୍ଯ୍ୟ ଚାଲୁଥିବା ସମୟ ଏବଂ କାର୍ଯ୍ୟ ସମାପନ ହେବା ପରର ଭିଡିଓ କ୍ଲିକ୍ କରି ୫-ଟି ସଚିବ ପାଣ୍ଡିଆନଙ୍କ ପାଖକୁ ପଠାଇବା ଲାଗି ହ୍ୱାଟସ୍ ଅପ ନମ୍ବର ସେ ଦେଇଥିଲେ।



ଭିସିରେ ଗରଦପୁର ବ୍ଲକ ଅଞ୍ଚଳର ଉଚ୍ଚ ବିଦ୍ୟାଳୟ, ଡିଗ୍ରୀ କଲେଜର ଛାତ୍ରୀଛାତ୍ର, ଅଧ୍ୟକ୍ଷ ଓ ଅଧ୍ୟାପିକାଅଧ୍ୟାପକମାନେ।



ମାର୍ଶାଘାଇଠାରେ ଭିସିରେ ଥିବା ଛାତ୍ରୀଛାତ୍ର, ଅଧ୍ୟକ୍ଷ ଓ ଅଧ୍ୟାପକମାନେ।



ରାଜନଗରରେ ଭିସିରେ ଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ମେ, ୨୦୨୩



# ପାନୀୟ ଜଳ ସମସ୍ୟା ଉତ୍କଟ

## ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ଦାବି

**ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.)**

ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳଉତ୍ସଗୁଡ଼ିକ ଶୁଖି ଯାଉଥିବାରୁ ପାନୀୟ ଜଳ ପାଇଁ ହାହାକାର ପଡ଼ିଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି । ଲୋକମାନେ ପାଣି ଗରାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ପାନୀୟ ଜଳ ପ୍ରକଳ୍ପ ଓ ଓଭରହେଡ ପାଣି ଟାଙ୍କି ନିର୍ମାଣ ସହ ଅଞ୍ଚଳବାସୀଙ୍କୁ ପାଇପ୍‌ରେ ପାନୀୟ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା । ମାତ୍ର ଅଞ୍ଚଳବାସୀଙ୍କ ପାଇଁ ଦୈନିକ ଆବଶ୍ୟକ ପଡୁଥିବା ପାଣି ଜଳଉତ୍ସଗୁଡ଼ିକରେ ଉପଲବ୍ଧ ହେଉ ନ ଥିବାରୁ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୨ ଦିନରେ ଥରେ ସ୍ୱଳ୍ପ ସମୟ ପାଇଁ ପାନୀୟ ଜଳ ଯୋଗାଇ ଦିଆଯାଉଥିବାରୁ ଲୋକମାନେ ବହୁ ଘଣ୍ଟା ଧରି ଟ୍ୟାପ୍ ପାଖରେ ଅପେକ୍ଷା କରୁଛନ୍ତି । ଖଳିସାହି ପଞ୍ଚାୟତ ରାଜୁଆ ସାହି ବାସିନ୍ଦା ଷ୍ଟାଣ୍ଡପୋଷ୍ଟ ପାଖରେ ଗରା, ବାଲ୍‌ଟି ଧରି ପାନୀୟ ଜଳ ସଂଗ୍ରହ ପାଇଁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ଅନ୍ୟ କେତେକ ୱାର୍ଡରେ ମାତ୍ର ୧୦ ମିନିଟ ପାଇଁ ପାଇପ୍‌ରେ ପାଣି ଆସୁଛି । ଅପରପକ୍ଷେ ବହୁ ବ୍ୟକ୍ତି ମାଟି ତଳେ ଯାଇଥିବା ପାଇପ୍‌ରୁ ଚୋରାରେ ସଂଯୋଗ ନେଇ ବିଦ୍ୟୁତ୍ ଚାଳିତ ପମ୍ପରେ ପାଣି ଟାଣି ନେଉଥିବା ଅଭିଯୋଗ ହେଉଛି । ଏଥିପାଇଁ ଏକାଧିକ ପରିବାର ସଦସ୍ୟ ପାଣି ବାଲ୍‌ଟିଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ସ୍ଥିତିରେ ଗ୍ରାମବାସୀ ଓ ୱାର୍ଡ ବାସିନ୍ଦାଙ୍କୁ ଟ୍ୟାଙ୍କର ଯୋଗେ ସ୍ୱଚ୍ଛ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।


ମହିଳାମାନେ ରାସ୍ତାକଡ଼ ଟ୍ୟାପ୍‌ରୁ ଜଳ ସଂଗ୍ରହ କରୁଛନ୍ତି ।

## ସଂକ୍ଷେପରେ

### ଗୋକୁଳାନନ୍ଦଙ୍କ ପୀଠରେ ଦହିପଖାଳ ନୀତି ସରିଲା



**ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.):** ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ପଞ୍ଚାୟତସ୍ଥିତ ଶ୍ରୀଗୋକୁଳାନନ୍ଦଙ୍କ ପୀଠରେ ଶୁକ୍ରବାର ପୂର୍ଣ୍ଣିମା ଅବସରରେ ଚନ୍ଦନ ନୀତି ପାଳିତ ହୋଇଯାଇଛି । ଏହି ଅବସରରେ ଦହି ପଖାଳ ଲାଗି ନୀତି ଉଦ୍‌ଯାପିତ ହୋଇଯାଇଛି । ପାରମ୍ପରିକ ନୀତି ଅନୁଯାୟୀ, ବିଗ୍ରହଙ୍କ ନିକଟରେ ମଙ୍ଗଳ ଆଳତୀ, ମଇଲମ, ଦ୍ୱାର ଖୋଲା ନୀତି ଆଦି ସମ୍ପନ୍ନ ହୋଇଛି । ସୂଚନାଯୋଗ୍ୟ, ଅକ୍ଷୟତୃତୀୟାଠାରୁ ଚନ୍ଦନ ଲାଗି ଓ ଦହି ପଖାଳ ଭୋଗ ଲାଗି ନୀତି ଆରମ୍ଭ ହୋଇଥିଲା । ଗୋକୁଳାନନ୍ଦ ପୀଠର ପ୍ରତିଷ୍ଠାତା ସଦସ୍ୟ ଗଙ୍ଗାଧର ଷଡଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜକ ଅଖିଳ କୁମାର ପାଣି ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ । ଆଜିର ନୀତି ଦର୍ଶନ ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

### ପାହାଡ଼ ଉପରେ କୃଷ୍ଣଲୀଳା

**ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡ଼ିଆ ପଞ୍ଚାୟତସ୍ଥିତ ଗୋପୀନାଥପୁର ନିକଟ ମା’ଶୁଳିଆ ଠାକୁରାଣୀଙ୍କ ନିକଟରେ ଗୁରୁବାର ଜିଲାର ବିଭିନ୍ନ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ମହିଳା ମଣ୍ଡଳ ପକ୍ଷରୁ ଗୁପ୍ତ ମେଳା (କୃଷ୍ଣ ଲୀଳା) ଅନୁଷ୍ଠିତ ହୋଇଯାଇଛି । ମା’ଶୁଳିଆ ଠାକୁରାଣୀଙ୍କଠାରେ ପୂଜାର୍ଚ୍ଚନା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ମଣ୍ଡଳର ସଦସ୍ୟାମାନେ ସନ୍ଧ୍ୟାପରେ ନିକଟସ୍ଥ ଶୁଳିଆ ପାହାଡ଼ ଉପରକୁ ଯାଇ ନାମ ସଂକୀର୍ତ୍ତନ କରି ଭାଗବତ ଚର୍ଚ୍ଚା କରିଥିଲେ । ସମସ୍ତ ମହିଳା ଏକାଠି ହୋଇ ଶ୍ରୀକୃଷ୍ଣଙ୍କ ପ୍ରତିମା ସ୍ଥାପନା କରିଥିଲେ । ପ୍ରତ୍ୟେକ ମହିଳା ମଣ୍ଡଳୀର ସଦସ୍ୟା ଦଳ ଦଳ ହୋଇ କୃଷ୍ଣଙ୍କ ଲୀଳା ସମ୍ପର୍କରେ ଗୀତ ମାଧମରେ ଅଭିନୟ କରିଥିଲେ । ବିଳମ୍ବିତ ରାତ୍ରରେ ଉକ୍ତ ମେଳା ସମ୍ପନ୍ନ ହୋଇଥିଲା । ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ କୌଣସି ପୁରୁଷ ଲୋକ ଯୋଗ ଦେବା ବିଧି ନାହିଁ ।

### ମା’ଙ୍କୁ ମାଡ଼ ମାରି ପୁଅ ଗିରଫ

ଆସିକା, ୫।୫(ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ବଡଦୋଡଙ୍ଗା ଗ୍ରାମରେ ନିଜ ମା’ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଅ ସୀମାଞ୍ଚଳ ପରିଡାଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି । ତାଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ୩୨୭/୨୩ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଜଣକ ମା’ଙ୍କ ଦାୟିତ୍ୱ ନେବା ପରିବର୍ତ୍ତେ ତାଙ୍କୁ ମାଡ ମାରି ଦାନ୍ତ ଭାଙ୍ଗିଦେଇଥିବା ନେଇ ମା’ ଚଞ୍ଚଳା ପରିଡା (୭୦) ପୋଲିସରେ ଅଭିଯୋଗ କରିଥିଲେ ।

### ବସ୍-ସ୍କୁଟି ଧକ୍କା, ଜଣେ ଗୁରୁତର

ଜଗନ୍ନାଥପ୍ରସାଦ,୫।୫(ଡି.ଏନ.ଏ.): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ସ୍ଥିତ ଛେଲାଖାଇ ୨୧ ନମ୍ବର ରାଜ୍ୟ ରାଜପଥରେ ବସ୍ ଓ ସ୍କୁଟି ମଧରେ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇ ଜଣ ହେଲେ ଭଞ୍ଜନଗର ଅଞ୍ଚଳର ବଳରାମ ପାଣିଗ୍ରାହୀ ଓ ଉମା ମହାପାତ୍ର । ସୂଚନାନୁସାରେ ଭୁବନେଶ୍ୱର ଠାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ ଘରୋଇ ବସ ସହିତ ଏକ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସ୍କୁଟିରେ ଥିବା ବଳରାମ ଓ ଉମା ଗୁରୁତର ଭାବେ ଆହତ ହୋଇଥିଲେ । ତୁରନ୍ତ ସେମାନଙ୍କୁ ଦମକଳ ବାହିନୀ ଦ୍ୱାରା ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବଳରାମଙ୍କୁ ଅଧିକ ଚିକିତ୍ସା ପାଇ ଭଞ୍ଜନଗର ଉପ ଚିକିତ୍ସାଳୟକୁ ପଠାଯାଇଥିଲା । ସ୍ଥାନୀୟ ପୋଲିସ ଘଟଣସ୍ଥଳରେ ପହଞ୍ଚି ବସ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# କଲଭର୍ଟ ପାଇଁ ଖୋଳାଯାଇଥିବା ଗାତରେ ଖସି ପଡ଼ିଲେ ସ୍କୁଟି ଆରୋହୀ

## ସତର୍କ ସୂଚନା ନ ଥିଲା, ବନ୍ଧା ଯାଇ ନ ଥିଲା ନାଲି ଫିତା

**ରଣପୁର,୫।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ପୂର୍ତ୍ତ ବିଭାଗ ଅଧୀନରେ ନୂଆ ଜଗନ୍ନାଥ ସଡ଼କର ପ୍ରଶସ୍ତିକରଣ କାମ ଚାଲିଛି । ଏଥିପାଇଁ ୧୮ କୋଟି ଟଙ୍କା ମଞ୍ଜୁର ହୋଇଛି । ହେଲେ ଠିକାଦାରଙ୍କ ଖାମଖିଆଲ ନୀତି ଯୋଗୁ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । କଲଭର୍ଟ ପାଇଁ ଖୋଳା ଯାଇଥିବା ଗଭୀର ଗାତରେ ପଡ଼ି ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି । ତାଙ୍କୁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସ୍ଥାନୀୟ ମାଳିସାହିର ସାଗର ବରା(୪୫) ନାମକ ଜଣେ ଯୁବକ ନିଜ ସ୍କୁଟିରେ ରଣପୁର ଯାଉଥିଲେ । ସାନଗଡ଼ଠାରେ କଲଭର୍ଟ ପାଇଁ ଖୋଳା ହୋଇଥିବା ପ୍ରାୟ ୩୦ ଫୁଟ ଗଭୀର ଗର୍ତ୍ତରେ ସେ ସ୍କୁଟି ସହ ଭାରସାମ୍ୟ ହରାଇ ଖସିପଡିଥିଲେ । ଏ କଥା ଜଣାପଡ଼ିବା ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏତେ ବଡ଼ ଗାତ ଖୋଳା ଯାଇଥିଲେ ମଧ୍ୟ ସେଠାରେ କୌଣସି ସତର୍କ ସୂଚନା ନ ଥିଲା । ଏପରି କି ଖୋଳା ଯାଇଥିବା ଗାତ ଚାରିପାଖରେ ବାଉଁଶ କିମ୍ବା ନାଲି ଫିତା ବନ୍ଧା ଯାଇ ନ ଥିଲା । ଏହି ଦୁର୍ଘଟଣା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏପରି କି ରାସ୍ତା କାମ ନିମ୍ନମାନର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ । ସେମାନେ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଏକାଧିକ ଥର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି । ଏ ନେଇ ରଣପୁର ପୂର୍ତ୍ତ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦୟାନିଧି ରାୟଗୁରୁଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଅବଗତ ନ ଥିଲି । ଆପଣଙ୍କଠାରୁ ଜାଣିଲି, ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।


ଗଭୀର ଗାତରେ ପଡ଼ିଥିବା ସ୍କୁଟି ।

# ସିପିଏମ୍ ପକ୍ଷରୁ କାର୍ଲମାର୍କସଙ୍କ ଜୟନ୍ତୀ ପାଳିତ


ଜୟନ୍ତୀ ସଭାରେ ଯୋଗ ଦେଇଥିବା ସିପିଏମ୍‌ର କର୍ମକର୍ତ୍ତା ।

**ରଣପୁର,୫।୫(ସ୍ୱ.ପ୍ର.)**

ମହାନ ଦାର୍ଶନିକ କାର୍ଲମାର୍କସଙ୍କ ୨୦୬ତମ ଜୟନ୍ତୀ ଶୁକ୍ରବାର ରାଜସୁନାଖଳା ମୁଦୁଲି ମାର୍କେଟ କମ୍ପ୍ଲେକ୍ସରେ ସିପିଏମ୍ ରଣପୁର ଉତ୍ତର ଆଞ୍ଚଳିକ କମିଟି ତରଫରୁ ପାଳିତ ହୋଇଯାଇଛି । ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ କାର୍ଲମାର୍କସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଲମାର୍କସଙ୍କ ଶୋଷଣ ବିହୀନ ସମାଜ ଗଠନ କରିବା ଲକ୍ଷ୍ୟ, ପୁଞ୍ଜିବାଦୀ ବ୍ୟବସ୍ଥାର ବିଲୋପ, ବୈଜ୍ଞାନିକ ସମାଜବାଦ ଗଠନ ଓ ବସ୍ତୁବାଦୀ ଦର୍ଶନ ଉପରେ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ । ଏବେ ମୋଦି ସରକାରର ପୁଞ୍ଜିବାଦୀ, ସାମ୍ପ୍ରଦାୟିକ ଆକ୍ରମଣ ଓ ଜନ ବିରୋଧି ନୀତି ବିରୋଧରେ ଜନତାଙ୍କୁ ଐକବଦ୍ଧ କରି ଜନ ଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ । ଶୋଷଣ ବିହୀନ ସମାଜ ଗଠନ ଲକ୍ଷ୍ୟରେ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଆଜିର ଦିନରେ ମାର୍କ୍ସଙ୍କ ଦର୍ଶନ ହିଁ ଏକାନ୍ତ ଆବଶ୍ୟକ ଓ ବିକଳ୍ପ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନା ସଭାରେ ପାର୍ଟିର ଆଞ୍ଚଳିକ କମିଟି ସମ୍ପାଦକ ସୁରେଶ ସ୍ୱାଇଁ, ଶିକ୍ଷକ ନେତା ନିରଞ୍ଜନ ସୁବୁଦ୍ଧି, ଯୁବନେତା ସବ୍ୟସାଚୀ ସେନାପତି, ଭଗବାନ ଇନ୍ଦ୍ରଜିତ୍ ପ୍ରମୁଖ ଆଲୋଚନା କରିଥିଲାବେଳେ ମହିଳା ନେତ୍ରୀ ପୁଷ୍ପାଞ୍ଜଳି ସେନାପତି, ଶାନ୍ତିଲତା ରଗଡ଼, ହୁଲାସ ରଣା ଓ ଧନେଶ୍ୱର ନାୟକ ଆଦି ଉପସ୍ଥିତ ଥିଲେ ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା

## ଅଭିଭାବକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଓଡ଼ଗାଁ,୫।୫(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ଭାଡିକିଳା ପଞ୍ଚାୟତ ଭାଡିକିଳା ୧ନଂ. ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା ନେଇ ଅଭିଯୋଗ ହୋଇଛି । ଅଙ୍ଗନୱାଡ଼ି କର୍ମୀ ନିୟମିତ କେନ୍ଦ୍ରକୁ ଆସୁ ନ ଥିବା ବେଳେ ସପ୍ତାହରେ ଦିନେ କିମ୍ବା ଦୁଇଦିନ ଅଣ୍ଡା ବଦଳରେ ସୋୟାବିନ ବଡି ତରକାରୀ ପିଲାଙ୍କୁ ଦେଉଛନ୍ତି । କେନ୍ଦ୍ରରେ ଶୌଚାଳୟ ସୁବିଧା ଥିଲେ ମଧ୍ୟ ଆବଶ୍ୟକ ପଡ଼ିବା ବେଳେ ପିଲାମାନଙ୍କୁ ଘରକୁ ବାରମ୍ବାର ପଠାଇ ଦିଆଯାଉଛି । ସେହି ଅଞ୍ଚଳରେ ମାଙ୍କଡ଼ ଉପଦ୍ରବ ବଢ଼ିଛି । ପିଲାମାନେ ଘରକୁ ବାରମ୍ବାର ଯିବା ଆସିବାକୁ ସୁରକ୍ଷିତ ମନେ କରୁ ନାହାଁନ୍ତି । ପିଲାଙ୍କୁ ଛାଡ଼ିବାକୁ ଅଭିଭାବକମାନେ ଆସିଲେ ଅଙ୍ଗନୱାଡ଼ି କର୍ମୀ ଓ ତାଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି । ଏନେଇ ଅଭିଯୋଗ କଲେ ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାମୀ ହସ୍ତକ୍ଷେପ କରୁଛନ୍ତି । ଫଳରେ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ଅଭିଯୋଗ ପାଇ ଓଡ଼ଗାଁ ବ୍ଲକ ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ଲହଡିମାଳା ପ୍ରଧାନ ଏବଂ ମଗରବନ୍ଧ ସେକ୍ଟର ସୁପରଭାଇଜର ଅନୁପମା ଦାସ ଗୁରୁବାର ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ । ତଦନ୍ତ ପରେ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଥିଲା । ଏଭଳି ଭୁଲର ପୁନରାବୃତ୍ତି ନ କରିବା ପାଇଁ ଶିଶୁ ସୁରକ୍ଷା ଅଧିକାରୀ ସମ୍ପୃକ୍ତ କର୍ମୀଙ୍କୁ ତାଗିଦା କରି ଫେରିଥିବା ସୂଚନା ମିଳିଛି ।

# ସ୍ୱପ୍ନ ଦେଖିଲେ ସଫଳତା ମିଳେ

## ଆଇଆଇଏମ୍‌ଏସ୍‌ରେ ଓରିଏଣ୍ଟେଶନ କର୍ମଶାଳା

**ନୟାଗଡ଼ ଅଫିସ,୫।୫**

ନୟାଗଡ଼ ବ୍ଲକ ଇଟାମାଟିସ୍ଥିତ ଆଇଡିଓଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ଆଇଆଇଏମ୍‌ଏସ୍)ର ୩ୟ ଓରିଏଣ୍ଟଶନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସଂଜିତ ରୋଶନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବାର, ମାନବିକତା, ଆଦର୍ଶ ବ୍ୟକ୍ତିର ପରିଚାଳନା ଦକ୍ଷତା ଉପରେ ଆଲୋଚନା କରିଥିଲେ । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦର୍ପନାରାୟଣପୁର କଲେଜର ଅଧ୍ୟକ୍ଷ ମହେନ୍ଦ୍ର କୁମାର ମାହାନ୍ତି,ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କଲେଜର ଅଧ୍ୟକ୍ଷା ରେଖା ପ୍ରଧାନ, ଇଟାମାଟି କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାଏକ, ପ୍ରଫେସର କିଶୋର ଚନ୍ଦ୍ର ମିଶ୍ର, ଆଇଆଇଏମ୍‌ଏସ୍ ଭୁବନେଶ୍ୱରର ଅଧ୍ୟକ୍ଷ ରାଷ୍ଟ୍ର ରଞ୍ଜନ ମହାନ୍ତି, ଅଧ୍ୟାପକ ପ୍ରଦୀପ କୁମାର ବିଶ୍ୱାଳ, ସ୍ଥାନୀୟ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର କର୍ମଚାରୀ, ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନନ୍ୟା ମଲ୍ଲିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଦୁର୍ବାଶା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ଫୁଲବାଣୀ, କନ୍ଧମାଳ, ମାଲକାନାଗିରି ଆଦି ଜିଲାର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଥିଲେ ।

# କନିଷ୍ଠଯନ୍ତ୍ରୀଙ୍କ ସ୍ତରରେ ଅଦଳବଦଳ

**ନୟାଗଡ଼ ଅଫିସ,୫।୫**

ନୟାଗଡ଼ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କସ୍ତରରେ ଅଦଳବଦଳ ହୋଇଛି । ସମସ୍ତ ଯନ୍ତ୍ରୀ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ଜିଲାପାଳ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି । ଖଣ୍ଡପଡ଼ା ବ୍ଲକର ମନୋଜ କୁମାର ବେହେରାଙ୍କୁ ଭାପୁର ବ୍ଲକକୁ, ଭାପୁର ବ୍ଲକର କୃଷ୍ଣଚନ୍ଦ୍ର ଦାସଙ୍କୁ ଖଣ୍ଡପଡ଼ା ବ୍ଲକକୁ ବଦଳି କରାଯାଇଛି । ନୟାଗଡ଼ ବ୍ଲକର ମୁରଲୀଧର ରାଉତଙ୍କୁ ଓଡ଼ଗାଁ ଏନଏସିର ଅତିରିକ୍ତ ଦାୟିତ୍ୱ ମିଳିଛି । ଓଡ଼ଗାଁ ବ୍ଲକର ବୃନ୍ଦାବନ ବିହାରୀ ପଣ୍ଡାଙ୍କୁ ଦଶପଲ୍ଲା ବ୍ଲକକୁ, ଓଡ଼ଗାଁ ଏନଏସିରେ ଡେପୁଟେଶନରେ ଥିବା ରଞ୍ଜନ ଦୋରାଙ୍କୁ ନୟାଗଡ଼ ବ୍ଲକରେ ଅବସ୍ଥାପିତ କରାଯାଇଥିବା ଜଣାପଡିଛି ।

# ପଛୁଆ ବର୍ଗଙ୍କ ସାମାଜିକ,ଶିକ୍ଷାଗତ ସର୍ଭେ

- ସର୍ଭେ କେନ୍ଦ୍ରକୁ ଆସୁନାହାନ୍ତି ପଛୁଆ ବର୍ଗ
- ସଚେତନତା କରିବ ନୟାଗଡ଼ ମ୍ୟୁନିସିପାଲିଟି

**ନୟାଗଡ଼ ଅଫିସ,୫।୫**

ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ ମେ ୧ରୁ ଆରମ୍ଭ ହୋଇଛି । ଏହି ସର୍ଭେ ୨୭ ତାରିଖରେ ଶେଷ ହେବ । ଏଭଳି ସ୍ଥଳେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶୁକ୍ରବାର ନୟାଗଡ଼ ବ୍ଲକର ସରପଡ଼ା ପ୍ରାଇମେରୀ ସ୍କୁଲ କେନ୍ଦ୍ର, ପ୍ରତାପ ପ୍ରସାଦ ପ୍ରାଇମେରୀ ସ୍କୁଲ ଓ ବଡପଣ୍ଡୁସର ହାଇସ୍କୁଲ କେନ୍ଦ୍ର, ନୟାଗଡ଼ ସହରର ପୁରୁଣା ରାଜବାଟୀ କମ୍ୟୁନିଟ କେନ୍ଦ୍ର, ଦକ୍ଷିଣକାଳୀ ପଡ଼ିଆ ପାଖ ସର୍ଭେ କେନ୍ଦ୍ର, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ସର୍ଭେ କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଛନ୍ତି । ଜିଲାପାଳଙ୍କ ସହ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ ପରିଦର୍ଶନ କରିଥିଲେ । ନୟାଗଡ଼ ସହରର ସର୍ଭେ କେନ୍ଦ୍ରରେ ପଛୁଆ ବର୍ଗର ଲୋକମାନେ ଆସୁ ନ ଥିବା ଜଣାପଡିଛି । ଏଣୁ ପଛୁଆ ବର୍ଗର ଲୋକମାନେ କେନ୍ଦ୍ରକୁ ଆସି ଆବଶ୍ୟକ ଡାଟା ଦେବା ପାଇଁ ଅଧିକ ସଚେତନତା ସୃଷ୍ଟି କରାଯିବ । ଧାର୍ଯ୍ୟ ସମୟରେ ଯେପରି ସମସ୍ତ ଫର୍ମ ପୂରଣ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ । କେନ୍ଦ୍ରଠାରୁ ଦୂରତାରେ ଥିବା ଲୋକମାନଙ୍କ ସର୍ଭେ କାମ ଠିକ୍ ସମୟରେ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି ।


ସର୍ଭେ କେନ୍ଦ୍ରରେ ଜିଲାପାଳ ଓ ଅନ୍ୟମାନେ ।

# କୃଷ୍ଣେଶ୍ୱର ପାଟଣା ରାମଲୀଳା ଆରମ୍ଭ

## ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କଲେ କାଳାକାର, କର୍ମକର୍ତ୍ତା

**ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ କୃଷ୍ଣେଶ୍ୱର ପାଟଣା ରଘୁନାଥ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଶୁକ୍ରବାରଠାରୁ ରାମଲୀଳା ଆରମ୍ଭ ହେଉଛି । ଉକ୍ତ ରାମଲୀଳା ୭ ଦିନ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ରାମଲୀଳାରେ ବିଭିନ୍ନ ଭୂମିକା ଯଥା ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ, ହନୁମାନ ଆଦି କଳାକାରମାନେ ଶୁକ୍ରବାରଠାରୁ ଗୃହତ୍ୟାଗ କରି ନିଷ୍ଠାର ସହିତ ପଇତା ପକାଇ ବ୍ରତ ରଖିବାର ବିଧି ରହିଛି । ଏହି ରାମଲୀଳା କିପରି ଶୃଙ୍ଖଳିତ ସମ୍ପନ୍ନ ହେବ ସେଥିପାଇଁ କଳାକାରମାନଙ୍କ ସମେତ ନାଟ୍ୟ ସଂସଦର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବଙ୍କ ନିକଟକୁ ଆର୍ଶୀବାଦ ଭିକ୍ଷା ପାଇଁ ଯାଇଥିଲେ । ପୂଜାର୍ଚ୍ଚନା ପରେ ଠାକୁରଙ୍କ ଆଜ୍ଞାମାଳ ଗ୍ରହଣ କରି ସମସ୍ତ କର୍ମକର୍ତ୍ତା, କଳାକାରମାନେ ଫେରିଥିଲେ । ଅନୁଷ୍ଠାନର ସଭାପତି ପ୍ରକାଶ କୁମାର ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପାରମ୍ପରିକ ରାମଲୀଳା କାର୍ଯ୍ୟକ୍ରମକୁ ସଂପାଦନ କରିବାକୁ ଗ୍ରାମବାସୀ ତଥା ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ସହ ଯୋଗ କାମନା କରିଛନ୍ତି । ପ୍ରଥମ ରାତିରେ ବିଶ୍ୱାମିତ୍ରଙ୍କ ଜାଗ, ଧନୁ ଭଗ୍ନ ମଞ୍ଚସ୍ଥ ହୋଇଛି । ଦ୍ୱିତୀୟ ରଜନୀରେ ପର୍ଶୁରାମ ଭେଟ ଓ ବନବାସ, ତୃତୀୟ ରଜନୀରେ ସୀତା ଚୋରୀ, ୪ର୍ଥ ରଜନୀରେ ବାଳୀ ସୁଗ୍ରୀବ ଲଢେଇ, ଲଙ୍କା ପୋଡ଼ି , ୫ମ ରଜନୀରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ, ଷଷ୍ଠ ରଜନୀରେ ମହିରାବଣ ବଧ ଏବଂ ସପ୍ତମ ତଥା ଶେଷ ରଜନୀରେ ରାବଣ ବଧ ଓ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି ।


ରାମଲୀଳା କଳାକାରମାନେ ନୀଳମାଧବଙ୍କ ମନ୍ଦିରରୁ ଫେରୁଛନ୍ତି ।

# ଗମନାଗମନ ବିକାଶ ଚିତ୍ର ଅସ୍ପଷ୍ଟ

**କେନ୍ଦ୍ରାପଡ଼ା ଅଫିସ, ୫।୫**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏକମାଣିଆରେ ଏପ୍ରିଲ ୨୭ରେ ବ୍ରାହ୍ମଣୀ ନଦୀରେ ସେତୁ ନ ଥିବାରୁ ଡଙ୍ଗାବୁଡ଼ି ଦୁର୍ଘଟଣାରେ ୨ ଜଣଙ୍କର ଅକାଳ ମୃତ୍ୟୁ ଘଟିଥିଲା। ପଟ୍ଟାମୁଣ୍ଡାଇ ବ୍ଲକ କଣ୍ଡିଆ ନାଳ ସେତୁ ବିଳମ୍ବ ହୋଇଥିବା ବେଳେ ସେଠାରେ ପହଞ୍ଚିବାକୁ ରାସ୍ତା ସମସ୍ୟାର ସମାଧାନ ଏବେ ବି ହୋଇନାହିଁ। ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଜଙ୍ଗଲଘେରି ଜନଜାତିପଡ଼ାକୁ ରାସ୍ତାଟିଏ ନାହିଁ। ସାମାନ୍ୟ ବର୍ଷାରେ ପ୍ରାୟ ୨ କିମି ରାସ୍ତା ଗମନାଗମନ ଉପଯୋଗୀ ହୋଇପାରେ ନାହିଁ। ଗ୍ରାମର ରୋଗୀ ଓ ପ୍ରସୂତିଙ୍କୁ ଏକ ବାଉଁଶ ଓ ଲୁଗା ସାହାଯ୍ୟରେ ଭାର କରି ଆମ୍ବୁଲାନ୍ସ ଆସୁଥିବା ସ୍ଥାନ ପର୍ଯ୍ୟନ୍ତ ନେବାକୁ ପଡ଼େ। ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇଛି। ମହାକାଳପଡ଼ା ବ୍ଲକର ସୁନିତୀ ପଞ୍ଚାୟତର ୧ ନଂ. ୱାର୍ଡ ରାସ୍ତା ଗମନାଗମନ ଉପଯୋଗୀ ହୋଇ ରହିନାହିଁ। ୱାର୍ଡର ୧୦୦ରୁ ଊର୍ଦ୍ଧ୍ୱ ପରିବାର ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ରାସ୍ତା ସମସ୍ୟାକୁ ନେଇ ଏପରି ଅଭିଯୋଗ ବିଭିନ୍ନ ସମୟରେ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି। ତେବେ ଗ୍ରାମାଞ୍ଚଳ ରାସ୍ତାକୁ ନେଇ ସମସ୍ୟାର ସମାଧାନ ହୋଇପାରୁନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚଳିତ ଆର୍ଥିକ ବର୍ଷର ଅଦ୍ୟାବଧି ୫୫୬୨ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ରାଜକନିକା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୧୫୭ ଗ୍ରାମୀଣ ରାସ୍ତା ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୦୬୯ ରାସ୍ତା ପ୍ରକଳ୍ପ ରହି ଦ୍ୱିତୀୟ ସ୍ଥାନରେ ଅଛି। ରାସ୍ତା ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ଆପଦବିପଦ କାଳରେ ଅଗ୍ନିଶମ ବିଭାଗରେ ସମସ୍ୟା ଦେଖାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଥିବା ଏହି ପ୍ରକଳ୍ପ ଶେଷ ପାଇଁ ପ୍ରଶାସନିକ ତତ୍ପରତା ନାହିଁ। ଆଗକୁ ବର୍ଷାଦିନ ଆସୁଥିବା ବେଳେ ଗମନାଗମନ ବିକାଶର ଚିତ୍ର ଏଠାରେ ଅସ୍ପଷ୍ଟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।


ମାର୍ଶାଘାଇ ବ୍ଲକ ତଳସଙ୍ଗ ମଙ୍ଗଳାଛକ ରାସ୍ତାର ଅବସ୍ଥା।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥ୍ୟ ଅନୁଯାୟୀ ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୨୪୯ଟି ରାସ୍ତା ନିର୍ମାଣାଧୀନ ଅଛି। ସେହିପରି ୨୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ୧୮୦ ପ୍ରକଳ୍ପ ପ୍ରସ୍ତାବରେ ସୀମିତ ଅଛି। ସେହିପରି ଡେରାବିଶ ବ୍ଲକ ୧୫୪୭ ରାସ୍ତା ପ୍ରକଳ୍ପରୁ ୫୩୯ଟି ରାସ୍ତା ନିର୍ମାଣାଧୀନ ଅଛି। ଗରଦପୁର ବ୍ଲକର ୧୦୬୩ରୁ ୫୪୭ଟି ପ୍ରକଳ୍ପ, କେନ୍ଦ୍ରାପଡ଼ାର ୧୫୦୯ରୁ୫୦୯ଟିପ୍ରକଳ୍ପ, ମହାକାଳପଡ଼ାର ୧୩୫୮ରୁ ୪୮ଟି ପ୍ରକଳ୍ପ, ମାର୍ଶାଘାଇର ୧୨୧୩ରୁ ୬୨୫ଟି ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୩୨୨୮ରୁ ୧୦୬୯ଟି ପ୍ରକଳ୍ପ, ରାଜକନିକାର ୧୯୦୧ରୁ ୧୧୫୭ଟି ପ୍ରକଳ୍ପ ଓ ରାଜନଗର ବ୍ଲକ ଅଞ୍ଚଳର ୧୯୬୯ରୁ ୪୧୯ଟି ପ୍ରକଳ୍ପ ନିର୍ମାଣାଧୀନ ଅଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ। ତେବେ ଜିଲା ପ୍ରଶାସନ ଏ ସମ୍ପର୍କରେ ଅଣଦେଖା କରି ଚାଲିଛନ୍ତି। କର୍ମନିଯୁକ୍ତି ପାଇଁ ଏହି ଯୋଜନାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିବା ବେଳେ ଜିଲା ପ୍ରଶାସନ ଏଥିରେ ସଫଳ ହୋଇପାରିନାହିଁ। ଜିଲାରେ ଏବେ ପ୍ରାୟ ୩ ଲକ୍ଷ ଜବ୍‌କାର୍ଡଧାରୀ ପରିବାର ରହିଥିଲେ ମଧ୍ୟ ଅଳ୍ପ କିଛି ପରିବାରଙ୍କୁ କାମ ମିଳିଛି। ଗ୍ରାମୀଣ ରାସ୍ତା ଉନ୍ନତୀକରଣ ହୋଇ ପାରି ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଦି ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଆଗରେ ବର୍ଷାଋତୁ ଓ ଲଘୁଚାପ ଜନିତ ସାମୁଦ୍ରିକ ଝଡ଼ ଭୟ ଆସି ଯାଇଥିବାରୁ ରାସ୍ତା ନିର୍ମାଣ ସମସ୍ୟା ଉତ୍କଟ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସକୁ ଜିଲାରେ ଗୁରୁତ୍ୱ ଦିଆଯାଇଛି। ଜବ୍‌କାର୍ଡଧାରୀଙ୍କ ଡିମାଣ୍ଡ ମୁତାବକ କାମ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପଗୁଡ଼ିକ ସମାପ୍ତ କରାଯିବାକୁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିବା ସେ କହିଛନ୍ତି।

- ଅସମ୍ପୂର୍ଣ୍ଣ ଅବସ୍ଥାରେ ୫୫୬୨ ଗ୍ରାମୀଣ ରାସ୍ତା ପ୍ରକଳ୍ପ
- ଗମନାଗମନ ପାଇଁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ
- ରାଜକନିକା, ପଟ୍ଟାମୁଣ୍ଡାଇରେ ସର୍ବାଧିକ ଅସମ୍ପୂର୍ଣ୍ଣ ପ୍ରକଳ୍ପ

## ନାବାଳିକା ଛାତ୍ରୀଙ୍କୁ ମାନସିକ ନିର୍ଯାତନା

### ଖେଳ ଶିକ୍ଷକଙ୍କ ନାଁରେ ମାମଲା

ମହାକାଳପଡ଼ା,୫।୫ (ଡି.ଏନ.ଏ.) : କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଏକ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ନବମ ଶ୍ରେଣୀ ଛାତ୍ରୀଙ୍କୁ ବିଭିନ୍ନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କୁ ଶିକ୍ଷକ ଜଣକ ପ୍ରଲୋଭନ ଦେଖାଇବା ସହ ରାତିରେ ବିଭିନ୍ନ ଅଶ୍ଳୀଳ ମେସେଜ୍ ପଠାଇବା, କାହା ଆଗରେ ପ୍ରକାଶ କଲେ ଜୀବନ ପ୍ରତି ବିପଦ ସୃଷ୍ଟି କରିବା, ପରୀକ୍ଷାରେ ଫେଲ୍ କରାଇଦେବା ସହ ଭଳିକିଭଳି ଯୌନ ସଂକ୍ରାନ୍ତୀୟ ସଙ୍ଗିନ ମେସେଜ୍ ପଠାଉଥିଲେ। ଏ ନେଇ ନାବାଳିକା ଛାତ୍ରୀ ଜଣକ ପରିବାରରେ ଜଣାଇବା ପରେ ତାଙ୍କ ମା' ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ଗୁରୁବାର କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୩୧/୨୩ରେ ମାମଲା ରୁଜୁ କରିଛି। ସେହିପରି ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକ ମାମଲାକୁ ରଫାଦଫା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଶେଷରେ ଫସର ଫାଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଏହି ଶିକ୍ଷକଙ୍କ ନାମରେ ବିଭିନ୍ନ ଅଭିଯୋଗ ହୋଇଆସୁଥିଲା। ଅପରପକ୍ଷରେ ଏପରି ସମ୍ବେଦନଶୀଳ ସଙ୍ଗିନ ମାମଲାକୁ ପୋଲିସ ଖୁବ୍ ଗୁରୁତର ସହ ନେଇଛି। ଖୁବ୍‌ଶୀଘ୍ର ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି।

## ନିର୍ମାଣର ମାସକ ପରେ ଦବିଲା ରାସ୍ତା



ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତା ଗଜେନ୍ଦ୍ରପୁରଠାରେ ଦବି ଯାଇଛି।

### ୨୨ କୋଟିରେ ନିର୍ମିତ ରାସ୍ତା କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

**ଚଣ୍ଡିଖୋଲ,୫।୫(ଡି.ଏନ.ଏ.)**

ମାତ୍ର ୧୦ କି.ମି.୫୦୦ ମିଟର ରାସ୍ତା ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହୋଇଛି ୨୨ କୋଟି ଟଙ୍କା। ହେଲେ କାର୍ଯ୍ୟ ଶେଷ ହେବାର ମାସକ ପରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି ଓ ଗୋଟିଏ ପାର୍ଶ୍ୱ ଦବିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବଡ଼ଚଣା ସବ୍‌ଡିଭିଜନରେ ହୋଇଥିବା ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତାରେ। ଗଜେନ୍ଦ୍ରପୁରଠାରେ ରାସ୍ତାର ଗୋଟିଏ ଅଂଶ ଦବିଯାଇଛି। ପୂର୍ବରୁ ଏହାର ଦେକୁରି ନିକଟରେ ୨ଟି ସ୍ଥାନରେ ଦବିଯିବାରୁ ସେଠାରେ ଠିକାଦାର ମରାମତି କରିଛନ୍ତି।

ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଟେଣ୍ଡର କରାଯାଇଥିଲା। ରାସ୍ତାର ଲମ୍ବ ୧୦ କି.ମି.୨୦୦ମିଟର ହୋଇଥିବାବେଳେ ଏହାକୁ ୧୧ କି.ମି. ୨୦୦ ମିଟର କରାଯାଇ ୨୦୨୧ ନଭେମ୍ବରରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହେବାର ବହୁ ଦିନ ପରେ ଗତ ମାର୍ଚ୍ଚ ଶେଷ ସପ୍ତାହରେ କାର୍ଯ୍ୟ ସରିଥିଲା। କାର୍ଯ୍ୟ ଶେଷ ହେବାପୂର୍ବରୁ ୨ଟି ସ୍ଥାନରେ ରାସ୍ତା ଦବିଯିବାରୁ ସେଠାରେ ପୁନର୍ବାର ମରାମତି କରାଯାଇଥିଲା। ଶୁକ୍ରବାର କୌଣସି ଭାରିଯାନ ଯିବାପରେ ରାସ୍ତା ଦବିଯାଇଛି। ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ୫ କି.ମି. ୫୦୦ମିଟର ରାସ୍ତା ପାଇଁ ୯ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲାବେଳେ କଳାଶ୍ରୀଠାରୁ ବେଣୀପୁର ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଅଧିକ ବ୍ୟୟ ଅଟକଳ କରାଯାଇ ଥିବା କଳାଶ୍ରୀଠାରୁ ବେଣୀପୁର ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ସେଥିପାଇଁ ଏହି ୫ କି.ମି. ୫୦୦ ମିଟର ରାସ୍ତାରେ ୩ଟି ସ୍ଥାନରେ ରାସ୍ତା ଦବିଯାଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କୌଣସି ତ୍ରୁଟି ଯୋଗୁ ଏଭଳି ଘଟି ଥାଇପାରେ। ଏହାର ତୁରନ୍ତ ମରାମତି କରାଯିବ।

## ପଦବୀ ହରାଇଲେ ଗୋପାଳପୁର ସରପଞ୍ଚ

### ସତ୍ୟପାଠରେ ଆପରାଧିକ ମାମଲା ନ ଦର୍ଶାଇବା ମହଙ୍ଗା ପଡ଼ିଲା

**ତିର୍ତ୍ତୋଲ, ୫।୫ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ସରପଞ୍ଚ ରଶ୍ମିରଞ୍ଜନ ଦାଶ ଗୁରୁବାର ନିଜ ପଦବୀ ହରାଇଛନ୍ତି। ନିର୍ବାଚନ ସତ୍ୟପାଠରେ ନିଜର ଆପରାଧିକ ମାମଲା ସମ୍ପର୍କରେ ସୂଚନା ଦେଇ ନ ଥିବାରୁ ତାଙ୍କ ସଦସ୍ୟତା ବାତିଲ ପାଇଁ ଗୁରୁବାର କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତିର୍ତ୍ତୋଲ ସିଭିଲ ଜଜ୍( ଜୁନିୟର ଡିଭିଜନ କୋର୍ଟ) ବିଚାରପତି ନଜେଦା ଖାତୁନଙ୍କ ଆଦେଶ ବଳରେ ତାଙ୍କ ପଦବୀ ଅସିଦ୍ଧ ଘୋଷଣା କରାଯାଇଛି। ୨୦୨୨ ଫେବୃୟାରୀରେ ହୋଇଥିବା ପଞ୍ଚାୟତ ନିର୍ବାଚନ ଫଳ ପ୍ରକାଶ ପାଇଥିଲା। ସେତେବେଳେ ଦାଶ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ସତ୍ୟପାଠରେ ତାଙ୍କ ଆପରାଧିକ ମାମଲା ସମ୍ପର୍କରେ ଉଲ୍ଲେଖ କରି ନ ଥିବା ଦର୍ଶାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ ଚନ୍ଦ୍ର ସ୍ୱାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରପଞ୍ଚ ଦାଶ ଏହାଦ୍ୱାରା ଭୋଟରମାନଙ୍କୁ ଭ୍ରମିତ କରିଛନ୍ତି ବୋଲି ସେ ପିଟଶନ୍‌ରେ ଦର୍ଶାଇଥିଲେ। ଏହି ମାମଲାର ବିଚାର ସମୟରେ ଦାଶଙ୍କ ନାମରେ ୨ଟି ଆପରାଧିକ ମାମଲାର ପ୍ରମାଣ ମିଳିଥିଲା। ଆବେଦନକାରୀ ସ୍ୱାଇଁଙ୍କ ପକ୍ଷରୁ ଆଇନଜୀବୀ ଗୌର ମୋହନ ରଥ ମାମଲା ପରିଚାଳନା କରିଥିଲେ। ଏହି ରାୟ ବିରୋଧରେ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ଦାଏର କରାଯାଇଛି ବୋଲି ସରପଞ୍ଚ ଦାଶ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବୈଶାଳୀ


@ ଯୁଗଳ


@ ଡୁଲେଶ୍ୱର


@ କଳ୍ପନା


@ ଅରବିନ୍ଦ


@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉପକୂଳରେ ବଢୁଛି ଗେଣ୍ଡା, ଶାମୁକା ମାଂସର ଚାହିଦା

**ମହାକାଳପଡ଼ା,୫।୫(ଡି.ଏନ.ଏ.)**

ଖରାଦିନେ ଜଳାଶୟ, ଖାଲ ପାଟିଆ, ଯୋର ଆଦି ସ୍ଥାନରେ ଜଳସ୍ତର ଶୁଖିଯିବା ଯୋଗୁ ଯେଉଁଠି ପାଣି ମୁନ୍ଦାଏ ଅଛି ସେଠାରେ ଛୋଟ ଛୋଟ ଶାମୁକା, କୁଜି ଗେଣ୍ଡା ଦେଖିବାକୁ ମିଳୁଛନ୍ତି। ଦୂରଦୂରାନ୍ତରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସି ଏହାକୁ ଖାଇଥାନ୍ତି। କିନ୍ତୁ ମଣିଷ ପକ୍ଷୀମାନଙ୍କ ଖାଦ୍ୟକୁ ଏବେ ସହଜରେ ଗ୍ରହଣ କରିନେଲେଣି। କାରଣ ଏହି କୁଜି ଗେଣ୍ଡା ଓ ଶାମୁକାରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଛି। ପକ୍ଷୀମାନେ ସିଧାସଳଖ ଖାଦ୍ୟରୂପେ ଗ୍ରହଣ କରି ନୀରୋଗ ରହୁଛନ୍ତି। ଜନଜାତି ସମ୍ପ୍ରଦାୟର ଲୋକମାନେ ଏହାକୁ ନେଇ ପ୍ରଥମେ ଗରମ ପାଣିରେ ପକାଇ ତା'ର ଲାଳଅଂଶ ବାହାର କଲାପରେ ଖୋଳପା ବାହାର କରି ତା' ଭିତର ମାଂସକୁ ତରକାରି କରି ଖାଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପାଣିଖିଆ ସାନ୍ତାଳପଡ଼ା ଗାଁରେ। ଗାଁର କୁନା ମାରାଣ୍ଡି, ଗୁରୁଭା ହାଁସ୍‌ଦା କହିବା କଥା ଅଭାବୀ ପରିବାରର ଲୋକମାନେ ଜଙ୍ଗଲ ପାର୍ଶ୍ୱରେ ଥିବା ନଦୀନାଳ ଖାଲରୁ ମାଛ, କଙ୍କଡ଼ା, ଗେଣ୍ଡା, ଶାମୁକା ସଂଗ୍ରହ କରିଥାନ୍ତି।


ମହାକାଳପଡ଼ାରେ ଗେଣ୍ଡା, ଶାମୁକା ବିକ୍ରି କରାଯାଇଛି।

କଙ୍କଡ଼ା, ଗେଣ୍ଡା, ଶାମୁକା ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ସେମାନେ କହିଛନ୍ତି। ସ୍ଥାନୀୟ ଧୁନା ହାଁସ୍‌ଦା କହିଛନ୍ତି, ଜନଜାତି ସମ୍ପ୍ରଦାୟ ଯୁବକମାନେ ଖରାବେଳେ ନିକଟ ଗାଡ଼ିଆ, ପୋଖରୀରୁ କୁଜି ଗେଣ୍ଡା, ଶାମୁକା ସଂଗ୍ରହ କରିଥାନ୍ତି। ବଜାରରେ ପନିପରିବା, ମାଛ, ମାଂସ ଦର ହୋଇଥିବା ବେଳେ କିଣି ଖାଇବାକୁ ଏମାନଙ୍କ ପାଖରେ ସେତିକି ସମ୍ବଳ ନାହିଁ। ଅପରପକ୍ଷରେ କାମଧନ୍ଦା ନ ମିଳିବାରୁ ଆମେ ବାଧହୋଇ ଘରେ ଅଛୁ। ପରିବାର ପ୍ରତିପୋଷଣ ପାଇଁ ବେଳେବେଳେ ଗେଣ୍ଡା, ଶାମୁକା ସଂଗ୍ରହ କରି ଏହାକୁ ଖାଇ ଚଳିଯାଉଛୁ। କେତେଜଣ ଲୋକ ଏହାକୁ ନିଜେ ଖାଇବା ସହ ପଡ଼ୋଶୀ ଜିଲାକୁ ବିକ୍ରି କରିବାକୁ ନେଇଥାନ୍ତି। କୁଜି ଗେଣ୍ଡା ଓ ଶାମୁକା କିଲୋ ପ୍ରତି ୩୦ରୁ ୪୦ ଟଙ୍କାରେ ବିକ୍ରି କରାଯାଇଥାଏ। ବିଶେଷକରି ବାଲେଶ୍ୱରର ଗୋଲେଇ ବଜାର, ମୟୂରଭଞ୍ଜ ଜିଲାର ବାରିପଦା, କେନ୍ଦୁଝର ଜିଲାର ବଡ଼ବିଲ, ଯାଜପୁର ଜିଲାର ଜୁବୁରୀ ଓ ଚଣ୍ଡିଖୋଲ ଆଦି ସ୍ଥାନର ଜନଜାତି ସମ୍ପ୍ରଦାୟ ଲୋକଙ୍କ ଏଥିରେ ଚାହିଦା ରହିଛି ବୋଲି ଧୁନା କହିଛନ୍ତି। ତେବେ ବର୍ଷାଦିନ ଆରମ୍ଭରୁ ବଡ଼ ଗେଣ୍ଡା, ଶାମୁକାଗୁଡ଼ିକ ଡିମ୍ବ ଦେବା ପୂର୍ବରୁ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରାଯାଏ। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସକ ଡା. ଅମରେଶ ସ୍ୱାଇଁଙ୍କୁ ପଚାରିବାରେ ଗେଣ୍ଡା, ଶାମୁକା ମାଂସକୁ ଖାଦ୍ୟ ରୂପେ ଗ୍ରହଣ କଲେ ଶରୀରରେ ୪ ପ୍ରକାର ଫାଇଦା ମିଳିବ। ପ୍ରଥମରେ ଭିଟାମିନ୍ ଏ' ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ, ୨ୟରେ ଆଇରନ୍ ବା ଲୌହସାର ମିଳିବ, ଯାହାକି ରକ୍ତହୀନତାଜନିତ ରୋଗ ହ୍ରାସ ପାଇବା ସହ ରକ୍ତ ସଞ୍ଚାଳନ ନିୟନ୍ତ୍ରିତ ରଖିଥାଏ, ୩ୟରେ କ୍ୟାଲସିୟମ ଭରପୂର ମିଳିବା ସହ ଅସ୍ଥିମଜ୍ଜା ସୁଦୃଢ଼ ହୋଇଥାଏ, ୪ର୍ଥରେ ଶରୀରରେ ଚର୍ବିଅଂଶ ହ୍ରାସ କରିବା ସହ ଲୋ ଫ୍ୟାଟ୍ ରଖିଥାଏ। ଏଥିଯୋଗୁ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇବା ସହ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ସେ କହିଛନ୍ତି।

## ଦଳିତ ପରିବାରଙ୍କ ଯାତାୟାତ ରାସ୍ତା ଖୋଳି ବନ୍ଦ

**ଆଳି,୫।୫(ଡି.ଏନ.ଏ.)**

ଆଜିର ସଭ୍ୟ ସମାଜରେ ସମସ୍ତଙ୍କର ଜୀବନ ଜିଇବା ନିମନ୍ତେ ମୌଳିକ ଅଧିକାର ଥିବାବେଳେ କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅନ୍ତର୍ଗତ ବିଲିକଣା ଗାଁର ଜଣେ ଦଳିତ ପରିବାରକୁ ଏସବୁ ସୁବିଧାରୁ କେତେଜଣ ଯୁବକ ବଞ୍ଚିତ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଖଗେଶ୍ୱର ମଳିକଙ୍କ ପୁଅ ଗୋଲେଖଙ୍କ ଅଭିଯୋଗ ଅନୁଯାୟୀ, ସେ ବିଲିକଣା ଗ୍ରାମ ମୁଖ୍ୟରାସ୍ତା କଡ଼ରେ ନିଜ କିଣା ଜମି ଉପରେ ଦୀର୍ଘଦିନ ହେବା ଘରକରି ରହୁଛନ୍ତି। ଘର ସମ୍ମୁଖ ସରକାରୀ ରାସ୍ତାରେ ଯାତାୟାତ କରୁଥିଲେ। କିନ୍ତୁ ଗ୍ରାମର କେତେଜଣ ଯୁବକ ତାଙ୍କୁ ଏହି ରାସ୍ତାରେ ଯାତାୟାତ କରିବାକୁ ହେଲେ ଲକ୍ଷାଧିକ ଟଙ୍କା ଦେବାକୁ ପଡ଼ିବ ବୋଲି ଦାବି କରିଥିଲେ। ଗୋଲେଖଙ୍କ ପରିବାର ଲୋକ ଏତେ ପରିମାଣର ଅର୍ଥ ଦେବାକୁ ଅସମର୍ଥ ହେବାରୁ ଯୁବକମାନେ ଜେସିବି ଲଗାଇ ଯାତାୟାତ କରୁଥିବା ସରକାରୀ ରାସ୍ତାକୁ ଖୋଳି ଦେଇଛନ୍ତି। ଏଥିସହ ସେମାନଙ୍କ ଘରକୁ ଯାଇଥିବା ପାଣି ପାଇପ୍ ଲାଇନ୍ ମଧ୍ୟ କାଟି ଦିଆଯାଇଛି।


ଦଳିତ ପରିବାର ଯାଉଥିବା ସରକାରୀ ରାସ୍ତାକୁ ଖୋଳି ଦିଆଯାଇଛି।

ଫଳରେ ପରିବାର ଲୋକେ ଘରୁ ବାହାରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ଲାଗି ସେମାନଙ୍କୁ ଅନ୍ୟ ଗାଁକୁ ଯିବାକୁ ପଡୁଛି। ଏପ୍ରିଲ ୧୦ରେ ଏହି ଘଟଣା ଘଟିବା ପରେ ଗୋଲେଖ ଆଳି ଥାନାରେ ଗ୍ରାମର ୫ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ଏଥିସହ ନ୍ୟାୟ ଭିକ୍ଷା କରି ଆଳି ତହସିଲଦାର, ଏସ୍‌ପି ଓ ଜିଲାପାଳଙ୍କ ନିକଟକୁ ଅଭିଯୋଗପତ୍ର ପ୍ରେରଣ କରିଥିଲେ। ମାତ୍ର ଆଜିପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ନିକଟରେ ପହଞ୍ଚି ନ ଥିବା ସେ କ୍ଷୋଭର ସହ କହିଛନ୍ତି। ସେହି ଯୁବକମାନେ ସେମାନଙ୍କୁ ବିଭିନ୍ନ ସମୟରେ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଉକ୍ତ ପଞ୍ଚାୟତ ସରପଞ୍ଚ କାନନ ବିହାରୀ ପରିଡ଼ାଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଶୁଣିଛନ୍ତି, ଘଟଣାସ୍ଥଳ ପରିଦର୍ଶନ କରି ବାସ୍ତବ ଘଟଣା କ'ଣ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କୁ ପଚାରିବାର ଏଭଳି ଅଭିଯୋଗ ପାଇନାହିଁ, ଆପଣଙ୍କ ନିକଟରୁ ଜାଣିବା ପରେ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାରୀ ଜମି ଉପରେ ସରକାରଙ୍କର ଯେତିକି ଅଧିକାର ସାଧାରଣ ଲୋକଙ୍କ ମଧ୍ୟ ସେତିକି ଅଧିକାର ରହିଛି। କେଉଁ ଅଧିକାର ବଳରେ ଗୋଲେଖଙ୍କ ନିକଟରୁ ଗ୍ରାମର କେତେଜଣ ଯୁବକ ଟଙ୍କା ମାଗିଥିଲେ, ସେ ଟଙ୍କା ନ ଦେବାରୁ ତାଙ୍କୁ ଏଭଳି ଅସୁବିଧାରେ ପକାଇଥିଲେ। ଏହି ଘଟଣାକୁ ନେଇ ବିଲିକଣା ଗ୍ରାମର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

- ପାଣି ପାଇପ୍ ଲାଇନ୍ କାଟି ଦେଲେ
- ନ୍ୟାୟ ଅପେକ୍ଷାରେ ପରିବାର

# ବିପଦରେ ନୟାଗଡ଼ ଜଗନ୍ନାଥ ମନ୍ଦିର

ନୟାଗଡ଼ ଅଫିସ,୫।୫

ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ଉପର ଅଁଳାବେଢ଼ା ଓ ବିଭିନ୍ନ ସ୍ଥାନରେ ବର, ଅଶ୍ୱସ୍ତ ଗଛ ଉଠିଛି । ଏପରି ଗଛ ଚେର ମନ୍ଦିର ଫଟାଇ ଚାଲିଛି। ଏହି ଗଛଗୁଡ଼ିକ ପ୍ରାୟ ୧୦ ବର୍ଷ ହେଲା ମନ୍ଦିର ଉପରେ ବଢ଼ି ଚାଲିଥିଲେ ମଧ୍ୟ କଟା ଯାଉନାହିଁ । ଗତବର୍ଷ ରଥଯାତ୍ରା ସମୟରେ ଏପରି କିଛି ଗଛକୁ ଲୋକ ଦେଖାଣିଆ ଭାବେ କାଟି ରଙ୍ଗ ସଫେଇତି କରାଯାଇଥିଲା । କିଛି ମାସ ପରେ ପୁଣି ସେଗୁଡିକ କଅଁଳି ଥିଲା । ଗଛର ଚେର ପଥର କାନ୍ଥ ଫଟାଇ ଭିତରକୁ ପଶି ଆସିଛି। ସେହିପରି ମନ୍ଦିର ଭିତରେ ଥିବା କାଠ କଡ଼ିରେ ଉଇ ଖାଇ ଦୁର୍ବଳ ହେବାରେ ଲାଗିଛି । କଡ଼ିଗୁଡିକ ନଷ୍ଟ ହୋଇଗଲେ ମନ୍ଦିରର ଛାତ ଭାଙ୍ଗି ପଡିବାରେ ସମ୍ଭାବନା ଦେଖା ଦେଇଛି । ସେହିପରି ମନ୍ଦିର ପ୍ରାଚୀରରେ ଅନୁରୂପ ଭାବେ ବର ଓ ଅଶ୍ୱସ୍ତ ଗଛ ଉଠିଛି । ସେଥିପାଇଁ ପ୍ରାଚୀରରେ ଫାଟ ସୃଷ୍ଟି ହୋଇ ଭୁଶୁଡିବା ଆରମ୍ଭ କରିଛି । ହେଲେ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହେଉଛି ।


ମନ୍ଦିର କାନ୍ଥରେ ଉଠିଥିବା ଗଛ।


ଛାତ କଡିରେ ଲାଗିଥିବା ଉଇ।

- ମନ୍ଦିର ଉପରେ ବର, ଅଶ୍ୱସ୍ତ ଗଛ
- ଛାତ ତଳ କାଠ କଡ଼ିକୁ ଉଇ ଖାଇଲେଣି
- ଦେବୋତ୍ତର ବିଭାଗ ନୀରବଦ୍ରଷ୍ଟା

ସୂଚନା ଅନୁଯାୟୀ, ନୟାଗଡ଼ ରାଜବଂଶର ୨୧ତମ ରାଜା ବିନାୟକ ସିଂ ମାନ୍ଧାତା ୧୭୮୮ରୁ ୧୮୦୮ମଧ୍ୟରେ ଏହି ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ଦେଉଳ, ଜଗମୋହନ ଓ ମୁଖଶାଳାକୁ ନେଇ ଜଗନ୍ନାଥ ମନ୍ଦିର ନିର୍ମିତ । ଦେଉଳର ଉଚ୍ଚତା ୧୨୦ଫୁଟ । ଏହା ବଉଳମାଳା ପଥରରେ ପଞ୍ଚ ରଥ ଶୈଳୀରେ ତିଆରି ହୋଇଛି । ମନ୍ଦିରରେ ପାର୍ଶ୍ୱଦେବତା ରୂପେ ନୃସିଂହ ,ବାମନ ଓ ବରାହ ବିଦ୍ୟମାନ । ଏହି ମନ୍ଦିରର ଜଗନ୍ନାଥଙ୍କ ମୂର୍ତ୍ତି ବାହାଡାଝୋଲାରୁ, ବଳଭଦ୍ରଙ୍କ ମୂର୍ତ୍ତି ମନ୍ଦିର ପାଖ କୂଅ ମୂଳରୁ ଓ ସୁଭଦ୍ରାଙ୍କୁ ଓଡ଼ଗାଁରୁ ଆଣି ଏଠାରେ ପୂଜା କରାଯାଉଛି ବୋଲି ସୂଚନା ମିଳେ । ଗତ କିଛି ମାସ ତଳେ ମନ୍ଦିର ବେଢ଼ାରେ ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି । ଏଠାରେ ଶ୍ରୀଜୀଉଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ମହାସମାରୋହରେ ପାଳିତ ହୋଇଆସୁଛି । ଏପରି ସ୍ଥିତିରେ ନୟାଗଡ଼ ଜିଲାର ସଦର ମହକୁମାରେ ଜଗନ୍ନାଥଙ୍କ ମନ୍ଦିର, ପ୍ରାଚୀରରୁ ଗଛ କାଟିବା ଓ ମରାମତି ନ କରିବା ଭକ୍ତଙ୍କ ମନରେ ଅସନ୍ତୋଷର କାରଣ ପାଲଟିଛି ।

ଏନେଇ ନୟାଗଡ଼ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଗତ ରଥଯାତ୍ରା ପୂର୍ବରୁ ଗଛଗୁଡିକ ନଷ୍ଟ କରାଯାଇଥିଲା । ତେବେ ପୁଣି ବର ଅଶ୍ୱସ୍ତ ଗଛ ଉଠି ସାରିଲାଣି । ଛାତରେ ଲାଗିଥିବା କଡ଼ିରେ ଉଇ ଲାଗିଥିବା ସଂକ୍ରାନ୍ତରେ ସେ ଜାଣି ନାହାନ୍ତି ବୋଲି କହିଛନ୍ତି । ତେବେ ରଥଯାତ୍ରା ପୂର୍ବରୁ ବର ଓ ଅଶ୍ୱସ୍ତ ଗଛ ସଫା ସହ କାଠ କଡ଼ିରୁ ଉଇ କଢ଼ାଯିବ ବୋଲି କହିଛନ୍ତି । ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, ମନ୍ଦିର ଉପରୁ ବର ଓ ଅଶ୍ୱସ୍ତ ଗଛ କାଟି ତୁରନ୍ତ ସଫେଇ କରାଯାଇ ରଙ୍ଗ କରାଯିବ । ସେହିପରି ଛାତର କାଠ କଡ଼ିକୁ ପରିଷ୍କାର କରାଯାଇ ଉଇ ନ ଖାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଏନେଇ ଦେବୋତ୍ତର ମ୍ୟାନେଜରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଛନ୍ତି ।

## ରଘୁନାଥଜୀଉଙ୍କ ପୀଠରେ ବୈଶାଖ ପୂର୍ଣ୍ଣିମା ଉତ୍ସବ


ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ଜଳକ୍ରୀଡ଼ା ପାଇଁ ନିଆଯାଉଛି।

ଓଡ଼ଗାଁ, ୫।୫(ସ୍ୱ.ପ୍ର.)

ପ୍ରସିଦ୍ଧ ସ୍ୱର୍ଣ୍ଣ କଳସକ୍ଷେତ୍ର ଭାବେ ଖ୍ୟାତିଲାଭ କରିଥିବା ଓଡ଼ଗାଁ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ବୈଶାଖ ପୂର୍ଣ୍ଣିମା ସ୍ୱତନ୍ତ୍ର ନୀତି ଶୁକ୍ରବାର ପାଳିତ ହୋଇଯାଇଛି । ବର୍ଷରେ ବୈଶାଖ ପୂର୍ଣ୍ଣିମା ଗୋଟିଏ ଦିନ ସକାଳେ ଶ୍ରୀଜୀଉମାନଙ୍କ ଏହି ନୀତି ପାଳିତ ହୋଇଥାଏ । ହିନ୍ଦୁ ଧର୍ମରେ ବୈଶାଖ ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି । ଦ୍ୱାପରରେ ସ୍ୱୟଂ ବିଷ୍ଣୁ ତାଙ୍କ ମାତାଙ୍କୁ କହିଥିବା ପ୍ରକାରେ ନୀତି ଓ ନିଷ୍ଠାର ସହିତ ବୈଶାଖ ପୂର୍ଣ୍ଣିମା ଉପବାସ କରୁଥିବା ବ୍ୟକ୍ତିଙ୍କ ସନ୍ତାନ ଲାଭ ସହିତ ତାଙ୍କ ଠାରେ କୌଣସି ବ୍ୟାଧି ପ୍ରବେଶ କରି ନ ଥାଏ । ସେମାନେ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମାତାଙ୍କ କୃପାରୁ ଧନଧାନ୍ୟ ଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ବୈଶାଖ ପୂର୍ଣ୍ଣିମା ଅବସରରେ ଓଡ଼ଗାଁ ଶ୍ରୀ ରଘୁନାଥ ଜିଉଙ୍କ ପୀଠରେ ବିଧିମତେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଆଜିର ଏହି ଦିନରେ ସକାଳର ଦୈନନ୍ଦିନ ଖେଚେଡ଼ି ଧୂପ ପରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ସୁଶୋଭିତ ବିମାନରେ ଘଣ୍ଟ, କାହାଳୀ, ଛତି, ତ୍ରାଶ ଆଦି ପଟୁଆରରେ ମନ୍ଦିରରୁ ବାହାରି ରାମସାଗରରେ ଥିବା ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ । ସେଠାରେ ସମସ୍ତ ଶୋଧନ ନୀତି ପରେ ପାଳିଆ ପଣ୍ଡା ପ୍ରଫୁଲ୍ଲ ମହାପାତ୍ରଙ୍କ ଶ୍ରୀଜୀଉମାନଙ୍କ ନିକଟରେ ଉଖୁଡା, ଛୋଟ କାକରା, ଗୋପାଳ ଓ ପଣା ଭୋଗ ସହିତ ଆଳତି ଲାଗି କରି ଯାତ୍ରାଙ୍ଗୀ ପାଳିତ ହୋଇଥିଲା । ପରେ ବିଜେ ପ୍ରତିମାମାନଙ୍କୁ ଚନ୍ଦନ କୁଣ୍ଡରେ ବୁଡାଇ ରଖାଯାଇଥିଲା । ମନ୍ଦିରରେ ସନ୍ଧ୍ୟା ଟେରା ଉଠିବା ପରେ ଅନ୍ୟ ସେବାସୀ ମାନଙ୍କ ସହିତ ପାଳିଆ ପଣ୍ଡା ରାମସାଗର ପୁଷ୍କରିଣୀଠାରେ ପହଞ୍ଚି ଚନ୍ଦନ କୁଣ୍ଡରୁ ଶ୍ରୀଜୀଉମାନଙ୍କୁ ଚନ୍ଦନ ବେଦୀକୁ ଅଣାଯାଇ ପୁନଶ୍ଚ ଭୋଗ ନୈବେଦ୍ୟ ଅର୍ପଣ ପରେ ଡଙ୍ଗାରେ ଜଳକ୍ରୀଡା କରିଥିଲେ । ଜଳକ୍ରୀଡା ସାରିବା ପରେ ସନ୍ଧ୍ୟାରେ ନଗର ଭ୍ରମଣ କରି ଚାଚେରୀ ଭୋଗ ଲାଗିହୋଇଥିଲେ । ରାତି ୧୦ଟା ସମୟରେ ଶ୍ରୀଜୀଉ ମନ୍ଦିର ପ୍ରବେଶ କରିବା ପରେ ବଡସିଂହାର ନୀତି ଅନୁଷ୍ଠିତ ହୋଇ ଶ୍ରୀଜୀଉଙ୍କ ପହଡ଼ ଲାଗି ହୋଇଥିଲା ।

## ଗଞ୍ଜେଇ ନେଇ ଯାଉଥିବା କାର୍ ଧକ୍କାରେ ବାପା, ଝିଅ ଗୁରୁତର

ନୂଆଗାଁ,୫।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ କାଚପଲିଠାରେ ଏକ ଗଞ୍ଜେଇ ବୋଝେଇ କାର୍ ଧକ୍କାରେ ଜଣେ ବ୍ୟକ୍ତି ଓ ତାଙ୍କ ଝିଅ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପୋଲିସ କାରକୁ ଜବତ କରି ଥାନାରେ ଅଟକ ରଖିଛି । ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଦଶପଲ୍ଲା ପଟୁ ନୟାଗଡ ଅଭିମୁଖେ ଏକ ଧଳା ରଙ୍ଗର କାର (ନଂ.ଓଡି ୦୨ ବିଏ ୧୯୯୪) ଯାଉଥିଲା । ଏହି ସମୟରେ ମହିତମା ଗ୍ରାମର ବଳଭଦ୍ର ନାୟକ ଓ ତାଙ୍କ ଝିଅ ଉଷାରାଣୀ ଏକ ବାଇକ୍ (ନଂ.ଓଡି୨୫ଇ ୧୭୧୯ ) ଧରି ଗ୍ୟାରେଜ ନିକଟରେ ଠିଆ ହୋଇଥିଲେ । କାରଟି ଭାରସାମ୍ୟ ହରାଇ ଉଭୟ ବାପ ଝିଅଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟେ ଆହତ ହୋଇଥିଲେ । ଏହାପରେ ଚାଳକ କାର ନେଇ ଖସି ଯିବାକୁ ଉଦ୍ୟମ କରୁଥିଲେ । ହେଲେ ସ୍ଥାନୀୟ ଲୋକେ କାରକୁ ଘେରି ଯାଇ ବାଟ ଛାଡ଼ି ନ ଥିଲେ । ଏହାକୁ ନେଇ ପାଟିତୁଣ୍ଡ ଚାଲିଥିବା ବେଳେ କାର ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଜଣାପଡିଥିଲା । ଖବର ପାଇ ନୂଆଗାଁ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଗଞ୍ଜେଇ ବୋଝେଇ କାରକୁ ଥାନାକୁ ନେଇ ଯାଇଥିଲା । ହେଲେ କାର ନୂଆଗାଁ ଥାନାରେ ୭ ଘଣ୍ଟା ଅଟକ ରହିବା ପରେ ଛାଡି ଦିଆଯାଇଥିବା ସୂଚନା ମିଳିଛି । ଏ ବାବଦରେ ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ଉକ୍ତ ଗାଡ଼ିକୁ ଅବକାରୀ ବିଭାଗ ଜବତ କରି ନେଇ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆହତଙ୍କ ତରଫରୁ କୌଣସି ଅଭିଯୋଗ ନ ହେବାରୁ ଗାଡ଼ିକୁ ଅବକାରୀ ବିଭାଗ ନେଇଯାଇଥିବା କହିଥିଲେ । ତେବେ ନୟାଗଡ଼ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତ୍ରିପାଠିଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି । ଉକ୍ତ ଖବର ଲେଖା ହେବା ପର୍ଯ୍ୟନ୍ତ ଉକ୍ତ ଗାଡିରୁ କେତେ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା , କେଉଁଠାରୁ ଜବତ ହୋଇଥିଲା ଏବଂ ଏହି ଘଟଣାରେ କାହାରିକୁ ଗିରଫ କରାଯାଇଛି ସେ ସଂକ୍ରାନ୍ତରେ କୌଣସି ସୂଚନା ମିଳିନାହିଁ ।


କାର ଭିତରେ ଥିବା ଗଞ୍ଜେଇ ପ୍ୟାକେଟ୍।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବୈଶାଳୀ


@ ଯୁଗଳ


@ ତୁଲେଶ୍ୱର


@ କଳ୍ପନା


@ ଅରବିନ୍ଦ


@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାଗଡ଼ ଜିଲାଜଜ୍‌ଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼ ଅଫିସ,୫।୫

ନୟାଗଡ଼ ଜିଲା ଜଜ୍ ରୂପଶ୍ରୀ ଚୌଧୁରୀ ଗଞ୍ଜାମ ଜିଲା ଜଜ୍ ଭାବେ ବଦଳି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ଜଜ୍ ଚୌଧୁରୀଙ୍କୁ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ଶତପଥୀ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସିଜେଏମ୍ ପ୍ରଜ୍ଞା ପରମିତା ମହାପାତ୍ର, ସବଜଜ୍ ଅମିତାଭ ପଣ୍ଡା, ଜେଏମ୍ଏଫ୍‌ସି ପ୍ରଦୋଷ କୁମାର ଦାଶଙ୍କୁ ମଧ୍ୟ ଅନୁରୂପ ଭାବେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲା ଓକିଲ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଓକିଲ ସଂଘର ପୂର୍ବତନ ସଭାପତି ରଣଜିତ ଦାଶ, ବ୍ରଜକିଶୋର ପ୍ରଧାନ, ଅମୀୟ ପଟ୍ଟନାୟକ ଏବଂ ଦଣ୍ଡପାଣି ନାୟକ ପ୍ରମୁଖ ଜିଲା ଜଜ୍ ଚୌଧୁରୀଙ୍କ କାର୍ଯ୍ୟକାଳ ମଧ୍ୟରେ ବାର ଓ ବେଞ୍ଚ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା ବୋଲି ଟିପ୍ପଣୀ ଦେଇଥିଲେ । ଏଥିସହ ଜିଲାଜଜ୍‌ଙ୍କ କାର୍ଯ୍ୟଦକ୍ଷତା ପାଇଁ ରାଜ୍ୟ ଜୁଡ଼ିସିଆରି ମାନଚିତ୍ରରେ ନୟାଗଡ଼ ଜଜ୍‌ସିପ୍ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାରୁ ଜିଲାର ସମସ୍ତ ଓକିଲ ସଂଘକୁ ପ୍ରଶଂସା କରିଥିଲେ । ସମ୍ପାଦକ ସ୍ୱଦେଶ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ପ୍ରସନ୍ନ ପଢ଼ିହାରୀ, କୋଷାଧ୍ୟକ୍ଷ ପ୍ରଣବ କୁମାର ବିଶୋଇ ସହଯୋଗ କରିଥିଲେ । ଉପସଭାପତି ଶୁଭେନ୍ଦୁ ଦାସ ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲା ଭିଜିଲାନ୍ସ ଜଜ୍ ଆନନ୍ଦ ଚନ୍ଦ୍ର ମହାରଣା ନୟାଗଡ଼ ଜିଲା ଜଜ୍ ଭାବେ ଅବସ୍ଥାପିତ ହେବେ ।


ସମ୍ବର୍ଦ୍ଧନା ସଭାରେ ଜିଲା ଜଜ୍ ଓ ଅନ୍ୟମାନେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବିଳମ୍ବ

ନୂଆଗାଁ,୫।୫(ଡି.ଏନ.ଏ.)

ଜନସାଧାରଣଙ୍କ ଗମନାଗମନର ସୁବିଧା ଦୃଷ୍ଟିରୁ ରାସ୍ତା ନିର୍ମାଣ କରିବା ପାଇଁ ସରକାର ଅନେକ କୋଟି ଟଙ୍କା ଅନୁଦାନ ଦେଉଛନ୍ତି । ହେଲେ ଠିକାଦାରଙ୍କ ମନମାନି ଓ ବିଭାଗୀୟ ଅଧିକାରୀଙ୍କ ଅପାରଗତା କାରଣରୁ ଲୋକେ ସୁଫଳ ପାଇ ପାରୁ ନାହାନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବାଲଣ୍ଡାଠାରୁ ବରକୋଳା ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଅନୁଦାନ ଦେଇଛନ୍ତି । ହେଲେ ସେହି ରାସ୍ତା ଅଦ୍ୟାବଧି ଅଧା ନିର୍ମାଣ ହୋଇ ନ ଥିବା ଅଭିଯୋଗ ହେଉଛି ।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନୂଆଗାଁ ବ୍ଲକ ବାଲଣ୍ଡାଠାରୁ ବରକୋଳା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗୀକରଣ ରାସ୍ତା (୧୨.୭୦୦କି.ମି.)ନିର୍ମାଣ ପାଇଁ ୬୪୫.୨୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇ ଟେଣ୍ଡର ମାଧ୍ୟମରେ ଠିକାଦାର ନିର୍ମାଣ କାମ ଆରମ୍ଭ କରିଛନ୍ତି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ୨୦୧୯ ଡିସେମ୍ବରରେ ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।


ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ରାସ୍ତା।

- ଠିକାଦାରଙ୍କ ପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁକମ୍ପା
- ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ସୂଚନା ଫଳକରେ ଲେଖା ଯାଇଥିବା ତଥ୍ୟ ଅନୁସାରେ ବାଲଣ୍ଡାଠାରୁ ବରକୋଳା ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ସର୍ବମୋଟ ୧୨.୭୦୦ କି.ମି.ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ସେଥିମଧ୍ୟରୁ ୧୧.୪୫୦ କି.ମି. ପିଚୁ, ୧.୨୫୦କି.ମି.ପକ୍କା ରାସ୍ତା , ୫ଟି ପାଇପ୍ ପୋଲ ଓ ୬ ନଳା ସେତୁ ନିର୍ମାଣ କରାଯିବ । ଉକ୍ତ ରାସ୍ତା କାମ ୨୬ । ୮ । ୨୦୧୯ରେ ଆରମ୍ଭ ହୋଇ ୨୫ । ୭ । ୨୦୨୦ରେ ଶେଷ କରିବା ଏବଂ ୨୬ । ୭ ।୨୦୨୦ ଠାରୁ ୨୫। ୭। ୨୦୨୫ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବାର ନିର୍ଦ୍ଦେଶ ରହିଛି । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ଅବଧିଠାରୁ ୩୦ ମାସ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସେହି କାମ ଅଧପନ୍ତରିଆ ଭାବେ ପଡି ରହିଛି । କେଉଁଠି ମେଣ୍ଟାଲ ଗଦା ହୋଇ ରହିଛି ତ ଆଉ କେଉଁଠି କେବଳ ମେଣ୍ଟାଲ ବିଛାଇ ଦିଆଯାଇଛି । ଆଉ କିଛି ରାସ୍ତାରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପିଚୁ ଉଠିଗଲାଣି । ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ଲୋକମାନେ ଯିବା ଆସିବାରେ ନାନା ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି । ଠିକାଦାର ନିଜ ସୁବିଧା ଏବଂ ଇଚ୍ଛାରେ କାମ କରୁଥିବା ଯୋଗୁ ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଏପରି କି ଲୋକମାନଙ୍କ ଯାତାୟତର ସୁବିଧା ଏବଂ ନିରାପତ୍ତା ଦୃଷ୍ଟିରୁ ଡଷ୍ଟ ପକାଇବା ପରେ ନିୟମିତ ପାଣି ସିଞ୍ଚନ କରିବାର ନିୟମ ରହିଥିବା ବେଳେ ତାହା ମଧ୍ୟ କରାଯାଉ ନାହିଁ । କେବଳ ଏହି ଗୋଟିଏ କାର୍ଯ୍ୟ ନୁହେଁ ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହେଉଥିବା କୌଣସି ଗୋଟିଏ କାମ ଅବଧି ମଧ୍ୟରେ ଶେଷ ହେଉ ନ ଥିବା ଦେଖିବାକୁ ମିଳିଛି । ଯାହା ଫଳରେ ସରକାର ଅନୁଦାନ ଦେଉଥିବା ସତ୍ତ୍ୱେ ଜନସାଧାରଣ ଅସୁବିଧା ଭୋଗୁଛନ୍ତି । ଏ ବାବଦରେ ଆରଡି କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚାରିବାରେ ଆମେ ବାରମ୍ବାର ଠିକାଦାରଙ୍କୁ ଚିଠି କରୁଛୁ । ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ସମୀକ୍ଷା କରୁଛନ୍ତି । ତେବେ ବାଲଣ୍ଡାଠାରୁ ବରକୋଳା ରାସ୍ତାକୁ ୩୦ ଜୁନ ୨୦୨୩ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଯନ୍ତ୍ରୀ ସାହୁ କହିଛନ୍ତି ।

